ଅଜନ୍ତା

# ଆମ ଭାଷା ଆମ ସାହିତ୍ୟ

(ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପ୍ରଚଳିତ ପାଠ୍ୟ ଖସଡା ଅନୁସାରେ ପ୍ରସ୍ତୁତ)

ଡକ୍ଟର ଗିରିଧାରୀ ନାୟକ
ଏମ୍.ଏ.ପିଏଚ୍.ଡି. (ଉତ୍କଳ)

3



ଅଜନ୍ତା ପବ୍ଲିକେଶନସ୍

ଏସ୍-୪୧୭, ଗ୍ରେଟର କୈଳାଶ-୧
ନୂଆଦିଲ୍ଲୀ-୧୧୦୦୪୮

୧୬୪୮, ହିମ୍ମତଗଡ଼, ବଜାର ସୀତାରାମ,
ଆସଫ୍ ଅଲୀ ରୋଡ଼, ଦିଲ୍ଲୀ-୧୧୦୦୦୬

ଫୋନ: ୦୧୧-୨୩୨୩୪୭୪୯, ୪୩୦୮୧୯୭୭

ପ୍ରକାଶକ

**ଅଜନ୍ତା ପବ୍ଲିକେଶନସ୍**

ଏସ୍-୪୧୭, ଗ୍ରେଟର କୈଳାଶ-୧
ନୂଆଦିଲ୍ଲୀ-୧୧୦୦୪୮

୧୬୪୮, ହିମ୍ମତଗଡ଼, ବଜାର ସୀତାରାମ,
ଆସଫ୍ ଅଲୀ ରୋଡ୍, ଦିଲ୍ଲୀ-୧୧୦୦୦୬

ଫୋନ: ୦୧୧-୨୩୨୩୪୭୪୯,
୪୩୦୮୧୯୭୭

Website: ajantapublications.com

© ଅଜନ୍ତା ପବ୍ଲିକେଶନସ୍

## ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ବାଜି ରାଉତ (ପଦ୍ୟ) | ୩ |
| ୨. | ନୂଆଖାଇ | ୭ |
| ୩. | ପରୋପକାରୀ ପକ୍ଷୀ (ପଦ୍ୟ) | ୧୧ |
| ୪. | ବିପ୍ଳବୀ ବିର୍ସାମୁଣ୍ଡା | ୧୫ |
| ୫. | ଶୀତଳ ସହରରେ ଦୁଇଦିନ | ୧୯ |
| ୬. | ଜଣାଣ (ପଦ୍ୟ) | ୨୩ |
| ୭. | ଟେଲିଭିଜନର ରହସ୍ୟ | ୨୬ |
| ୮. | ବୁଦ୍ଧିର କରାମତି | ୩୦ |
| ୯. | ବୁଢ଼ୀ ଓ ପଣ୍ଡିତେ (ପଦ୍ୟ) | ୩୫ |
| ୧୦. | କଟକ ସହର | ୩୯ |
| ୧୧. | ଦୁଇ ମାଆର କଳି | ୪୪ |
| ୧୨. | ମାଟି (ପଦ୍ୟ) | ୪୮ |
| ୧୩. | ସୂର୍ଯ୍ୟ ମନ୍ଦିର | ୫୨ |
| ୧୪. | ଜଣାଣ | ୫୮ |
| ୧୫. | ଠକ ବାବାଜୀ | ୬୨ |
| ୧୬. | ଡେ଼ଙ୍ଗା ପିଲାର ସାହସ | ୬୬ |
| ୧୭. | ଏତେ ସପନକୁ ରାତି କାହିଁ | ୭୦ |

୧

# ବାଜି ରାଉତ







ଢେଙ୍କାନାଳର ଟିକି ପିଲାଟି
ହସାଇଲା ତା ଜନମ ମାଟି,
ନାଆଁଟି ତା'ର ବାଜି ରାଉତ
ରଖିଲା ଗାଆଁ ମାନ ମହତ,
ନଈରେ ଡଙ୍ଗା ଚାଳି,
ଆସିଲେ ଗୋରା ସଇନ ଦଳ
ସେପାରି ଯିବେ ବୋଲି । (୧)



ଡଙ୍ଗା ପାଇଁକି କରିଲେ ଗୋଳ
ଧମକ ଦେଲେ ଦଳକୁ ଦଳ
ଜୀବନେ ସିଏ କରିଛି ପଣ
ରଖିବ ଦେଶ, ଜାତିର ମାନ
ଫିଟାଇଲାନି ଡଙ୍ଗା
ରାଗେ ସଇନ ଗର୍ଜନ କଲେ
ମୁହଁ ପଡ଼ିଲା ରଙ୍ଗା । (୨)

କହିଲା ବାଜି ସେପାରେ ଥାଇଁ
କେବେ ତ ଡଙ୍ଗା ଆଣିବ ନାହିଁ
ଜୀବନ ପଛେ ଦେବରେ ଆଜି





ରଖିବ ଦେଶ ଗୌରବ ବାଜି
ହଟୁ ପଛେ ତା' ବଳ
ସେପାରି ଗାଁ ଦମନ କଥା
କରାଇବନି ସଫଳ । (୩)

ମାନିଲା ନାହିଁ ଇଂରେଜ ମନା
ଦମ୍ଭରେ ସିଏ ରହିଲା ସିନା
ଉଛୁଳୁ ମୁଛୁଳୁ ନଈର ପାଣି
ଥଳ କୂଳ ତା ହେଉନି ଜାଣି
ଫୁଟାଇ ଦେଲେ ଗୁଳି
ଛାତିରେ ବାଜି ବହିଲା ରକ୍ତ
ଡଙ୍ଗାରେ ପଡ଼େ ଟଳି । (୪)





ରକତ ଧାର ଛୁଟି ଚାଲିଲା
ଦେଶ ପାଇଁ ସେ ଜୀବନ ଦେଲା
ମରି ଅମର ହୋଇଲା ବାଜି
ଦେଶର ଟେକ ରଖିଲା ଆଜି
ତା' ପରି ଅଛି କିଏ
ବାର ବରଷ ବାଳୁତ ପିଲା
କେହି ତା' ସରି ନୁହେଁ । (୫)





ମାଟିର ଯେତେ ବୀର ସନ୍ତାନ
କରିବା ଆସ ଜୀବନେ ପଣ
ମରିବା ପଛେ ଡରିବା ନାହିଁ
ଦେଶର ଶତ୍ରୁ ରଖିବା ନାହିଁ
ଭାରତ ଆମ ମାଆ ।
ତା ମନେ ଦୁଃଖ ଦେବା ତ ନାହିଁ
ସିଏ ଆମରି ସାହା । (୬)

# ଅଭ୍ୟାସ କାର୍ଯ୍ୟ

**ଆସ ଜାଣିବା କେତେକ ନୂଆଶବ୍ଦ ।**

| | | | |
|---|---|---|---|
| ପଣ | ଗର୍ଜନ | ଗୌରବ | ଟେକ |
| ବୀର | ଶତ୍ରୁ | ସନ୍ତାନ | ଅମର |

### ଶିକ୍ଷକଙ୍କ ପାଇଁ କିଛି ସୂଚନା

- ଶିକ୍ଷକ ଜିଲ୍ଲା ବିଷୟରେ କିଛି ଧାରଣା ପିଲାମାନଙ୍କୁ ଦେବେ ।
- ଦେଶ ପାଇଁ ସୁନାମ ରଖି ଯେଉଁମାନେ ଜୀବନକୁ ବଳି ଦେଇଛନ୍ତି, ସେମାନଙ୍କ ସମ୍ବନ୍ଧରେ ସୂଚନା ଦେବେ ।
- ମାତୃଭୂମି ପାଇଁ କର୍ତ୍ତବ୍ୟ ଓ ଦାୟିତ୍ୱବୋଧର ଅବତାରଣା କରିବେ ।

## ଅଭ୍ୟାସ

୧. **ଆସ, ଆମେ କିଛି ଜାଣିବା, ଉତ୍ତର ଦେବା ଓ ଲେଖିବା**

(କ) ଗାଁର ମାନ, ମହତ କିଏ ରଖିଲା ?

(ଖ) ବାଜିରାଉତର ଘର କେଉଁ ଜିଲ୍ଲାରେ ?

(ଗ) ଦେଶର ଗୌରବ ପାଇଁ କିଏ ଜୀବନ ଦେଲା ?

(ଘ) ଆମର ମାଆ କିଏ ?

(ଙ) ଜୀବନରେ ଆମେ କ'ଣ ପାଇଁ ପଣ କରିବା ?

୨. **କୋଠରି ଭିତରୁ ଶବ୍ଦ ଆଣି ଶୂନ୍ୟ ସ୍ଥାନ ପୂରଣ କର ।**

ଧମକ ଦେଲେ ________________

ଡଙ୍ଗାରେ ପଡ଼େ ________________

ରଖିଲା ଗାଁ ________________

ହସାଇଲା ତା ________________

କରିବା ଆସ ଜୀବନେ ________________

**ପଣ, ମାନ ମହତ, ଜନମ ମାଟି, ଦଳକୁ ଦଳ, ଟଳି**

୩. **କାହା କାହା ସହିତ ସମ୍ପର୍କ ଅଛି ଗାର ଟାଣି ଦର୍ଶାଅ ।**

| | |
|---|---|
| ନଈ | ଧାର |
| ଥଳ | ସନ୍ତାନ |
| ବୀର | କୂଳ |
| ରକତ | ଡଙ୍ଗା |

୪. ସରଳ ଭାଷାରେ ବୁଝାଇ ଲେଖ।

(କ) ରକତ ଧାର ଛୁଟି ଚାଲିଲା
ଦେଶ ପାଇଁ ସେ ଜୀବନ ଦେଲା

(ଖ) ମରିବା ପଛେ ଡରିବା ନାହିଁ
ଦେଶର ଶତ୍ରୁ ରଖିବା ନାହିଁ

୫. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ନେଇ ବାକ୍ୟ ଗଢ଼ିବା।

ଗୌରବ ______________________

ସନ୍ତାନ ______________________

ଧମକ ______________________

ବୀରସନ୍ତାନ ______________________

କୌଶଳ ______________________

୬. ପଦ୍ୟରେ ଥିବା ଶବ୍ଦଗୁଡ଼ିକ ଗଦ୍ୟରେ କ'ଣ ହେବ -

| | |
|---|---|
| ସଇନ - ସୈନ୍ୟ | ଗରଜନ - ________ |
| ଜନମ - ________ | ଗଉରବ- ________ |
| ବରଷ - ________ | ରକତ - ________ |

୭. 'ବାଜିରାଉତ' ପରି ଦେଶ ପାଇଁ କିଏ ଜୀବନ ଦେଇଥିଲେ, ସେମାନଙ୍କର ନାମ ଲେଖ।

______________________

______________________

______________________

______________________

୨

# ନୂଆଖାଇ



ଆମର ଓଡ଼ିଶା ହେଉଛି ସୁନାର ଓଡ଼ିଶା । କୃଷିପ୍ରଧାନ ରାଜ୍ୟ ଭାବରେ ଏହା ସାରା ଭାରତ ବର୍ଷରେ ପରିଚିତ । ବିଭିନ୍ନଧାର୍ମିକ ପାର୍ବଣକୁ ନେଇ ନାନା ପ୍ରକାରର ଓଷା ବ୍ରତ ଓଡ଼ିଶାରେ ପାଳିତ ହୋଇଥାଏ । ଏହା ବ୍ୟତୀତ ଦୁର୍ଗାପୂଜା, କାଳୀପୂଜା, ଦୋଳଯାତ୍ରା, ଚନ୍ଦନ ଯାତ୍ରା ଓ, ରଜପର୍ବ ପାଳନ କରାଯାଏ । ଆଦିବାସୀମାନେ ମଧ ଆଉ କେତେ ପର୍ବ ପାଳନ କରିଥାନ୍ତି ।

ପୂର୍ବ ଓଡ଼ିଶାରେ 'ରଜ' ଯେପରି ଗଣପର୍ବ ରୂପରେ ଆଦୃତ, ସେହିପରି ପଶ୍ଚିମ ଓଡ଼ିଶାରେ 'ନୂଆଖାଇ' ଏକ ଗଣପର୍ବ ଭାବରେ ଜାକଜମକରେ ପାଳନ କରାଯାଏ । ଏହା କେଉଁ କାଳରୁ ପାଳିତ ହୋଇଆସୁଅଛି ।

ଏହି ପର୍ବ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ କରାଯାଇଥାଏ । କୃଷକ କଠିନ ପରିଶ୍ରମର ଫଳ ସ୍ୱରୂପ ସୁନାର ଫସଲରୁ ପ୍ରଥମେ ଅମଳ କରି, ସେହି ଅନ୍ନକୁ ଇଷ୍ଟଦେବୀଙ୍କୁ ସମର୍ପଣ କରିଥାଏ । ଏହାକୁ ମାଆ ଲକ୍ଷ୍ମୀ ସାଆନ୍ତାଣୀଙ୍କ ଦୟାରୁ ପାଇଥାଏ ବୋଲି ବିଶ୍ୱାସ କରେ ।

ସମ୍ବଲପୁରର ସମଲେଶ୍ୱରୀ, ଭବାନୀପାଟଣାର ମାଣିକେଶ୍ୱରୀ, ବଲାଙ୍ଗୀରର ପାଟଣେଶ୍ୱରୀ ସୋନପୁରର ସୁରେଶ୍ୱରୀ ପ୍ରଭୃତି ଠାକୁରାଣୀଙ୍କ ନିକଟରେ ନବାନ୍ନ ନୈବେଦ୍ୟ ରୂପେ ଲାଗି କରାଯାଏ । ପରିବାରର ସମସ୍ତେ ନବାନ୍ନ ଖାଇ ଜ୍ୟେଷ୍ଠମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦଗ୍ରହଣ କରିଥାଆନ୍ତି ।

ତା'ପରେ ଆରମ୍ଭ ହୁଏ ଜୁହାର ଭେଟ୍ । ପରିବାରରେ ସମସ୍ତେ ଗୋଟିଏ ଧାଡ଼ିରେ ବସି ଭୋଜନ କରନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏ ପର୍ବ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ଦେଇଥାଏ ।

ଦୁଃଖୀ ଦରିଦ୍ରଙ୍କଠାରୁ ଧନୀ ପର୍ଯ୍ୟନ୍ତ ସମସ୍ତେ ଆନନ୍ଦ ଉଲ୍ଲାସରେ ମାତି ଉଠନ୍ତି । ଏହା ପଶ୍ଚିମ ଓଡ଼ିଶାର ମୁଖ୍ୟ ପର୍ବ । ଏହା କୃଷକମାନଙ୍କର ଏକ ଧାର୍ମିକ ପର୍ବ । ମହା ସମାରୋହରେ ଏହି ପର୍ବଟି ପାଳନ କରାଯାଏ । ରାଗ, ରୋଷ, ଅଭିମାନକୁ ସମସ୍ତେ ମନରୁ ଭୁଲିଯାଆନ୍ତି । ମନ ଆନନ୍ଦରେ ପୂରିଉଠେ ।

ପରିବାରର ମୁଖ୍ୟ ଧାନ କିଆରୀରେ କ୍ଷୀର ଢାଳି ଭଲ ଫସଲ ଅମଳ ହେବା ପାଇଁ ମାଟି ମାଆକୁ ପୂଜା କରିଥାନ୍ତି । ଯିଏ ଯେତେ ଦୂରରେ ଯେଉଁଠି ଥାଉନା କାହିଁକି, ଏହି ପର୍ବରେ ସମସ୍ତେ ଏକତ୍ରିତ ହୁଅନ୍ତି ।

ପଶ୍ଚିମ ଓଡ଼ିଶାରେ ଆଉ ଗୋଟିଏ ପ୍ରଥା ଚଳି ଆସୁଛି । ତାହା ହେଉଛି ଭେଟ୍‌ଘାଟ୍ । ଏଥିରେ ଯେତେ ଶତ୍ରୁ ହେଲେ ମଧ୍ୟ ହସି ହସି ପରସ୍ପରକୁ ନମସ୍କାର କରନ୍ତି।

ପୁରୀ ଜଗନ୍ନାଥଙ୍କ ମନ୍ଦିରରେ ଯେପରି ଛୁଆଁ, ଅଛୁଆଁ ବାରଣ ନାହିଁ, ନୂଆଖାଇ ପର୍ବରେ ମଧ୍ୟ ଅଇଁଠାର ବାରଣ ନଥାଏ । ସମସ୍ତେ ମିଳିମିଶି ଯିଏ ଯେଉଁଠି ଚାହେଁ ଖାଇପାରେ । ଏହି ପରମ୍ପରାରେ ସମସ୍ତେ ବନ୍ଧା ।

'ନୂଆଖାଇ' ଏକ ପ୍ରସିଦ୍ଧ ଗଣପର୍ବ । ଆଜି ପର୍ଯ୍ୟନ୍ତ କେତେ କାଳରୁ ଏ ପର୍ବ ପାଳିତ ହୋଇଆସୁଅଛି । ଏହା ପଶ୍ଚିମ ଓଡ଼ିଶାର ମହାନ୍ ପର୍ବ । 'ନୂଆ ଖାଇ' ପର୍ବ ମନରେ ଆନନ୍ଦ ଆଣିବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଏକାଠି କରିଥାଏ ।

## ଅଭ୍ୟାସ କାର୍ଯ୍ୟ

**ଆସ କେତୋଟି ନୂଆ ଶବ୍ଦ ଜାଣିବା ।**

| | | | |
|---|---|---|---|
| ଶୁକ୍ଳପକ୍ଷ | ନବାନ୍ନ | ଆଦୃତ | ଜାକଜମକ |
| ଉଲ୍ଲାସ | ଧାର୍ମିକ | ସମାରୋହ | |

### ଶିକ୍ଷକଙ୍କ ପାଇଁ କିଛି ସୂଚନା

- ଓଡ଼ିଶାର ପର୍ବପର୍ବାଣି ସମ୍ବନ୍ଧରେ ପିଲାମାନଙ୍କୁ ଧାରଣା ଦେବେ ।
- ପଶ୍ଚିମ ଓଡ଼ିଶାର ପର୍ବମାନଙ୍କର ସୂଚନା ଦେବେ ।
- ବିଭିନ୍ନ ଜିଲ୍ଲାରେ ଥିବା ଠାକୁରାଣୀଙ୍କ ସମ୍ବନ୍ଧରେ ପିଲାଙ୍କୁ ଅବଗତ କରାଇବେ ।
- ବିଭିନ୍ନ ପର୍ବ ପର୍ବାଣି ବିଷୟରେ ସୂଚନା ଦେବେ ।

## ଅଭ୍ୟାସ

୧. **ତୁମ ଶ୍ରେଣୀର ସାଥୀଙ୍କୁ ଯଦି ତୁମେ ପ୍ରଶ୍ନ ପଚାର, ସେ ଉତ୍ତର ଦେବେ ଓ ସେମାନେ ତୁମକୁ ପଚାରିଲେ ତୁମେ ମଧ ଉତ୍ତର ଦିଅ।**

(କ) ଓଡ଼ିଶାରେ କେଉଁ ପର୍ବ ସବୁ ପାଳିତ ହୁଏ ?

(ଖ) 'ନୂଆଖାଇ' ପର୍ବ କେବେ ପାଳନ କରାଯାଏ ?

(ଗ) ପରିବାରର ସମସ୍ତେ ନବାନ୍ନ ଖାଇ କେଉଁମାନଙ୍କୁ ମୁଣ୍ଡିଆ ମାରନ୍ତି ?

(ଘ) ଏ ପର୍ବ କେଉଁମାନେ ପାଳନ କରନ୍ତି ?

(ଙ) କୃଷକମାନେ ଏହି ପର୍ବ କିପରି ପାଳନ କରନ୍ତି ?

୨. ଉତ୍ତର ଲେଖ।

(କ) ନୂଆଖାଇପର୍ବ କାହିଁକି ପାଳନ କରାଯାଏ ?

(ଖ) ନୂଆଖାଇ ପର୍ବରେ 'ଜୁହାର ଭେଟ' କାହାକୁ କହନ୍ତି ?

(ଗ) ମାଟି ମାଆକୁ କାହିଁକି ପୂଜା କରାଯାଏ ?

୩. ତଳେ ଦିଆଯାଇଥିବା କୋଠରିରୁ ଶବ୍ଦ ନେଇ ବାକ୍ୟ ପୂରଣ କର ।

**ଅଭିମାନ, ଏକତା, ଗଣ, ଅଇଁଠା**

(କ) ରାଗ, ରୋଷ __________ କୁ ମନରୁ ଭୁଲିଯାଆନ୍ତି ।

(ଖ) ଏହି ପର୍ବ ସମସ୍ତଙ୍କୁ __________ ସୂତ୍ରରେ ବାନ୍ଧି ଦେଇଥାଏ ।

(ଗ) ନୂଆଖାଇ ପର୍ବରେ __________ ର ବାରଣ ନଥାଏ ।

(ଘ) ନୂଆଖାଇ ଏକ __________ ପର୍ବ ଭାବରେ ଜାକଜମକରେ ପାଳନ କରାଯାଏ ।

୪. ସମର୍ପଣ, ଶୁକ୍ଳପକ୍ଷ, ସାଆନ୍ତାଣୀ, ଉଲ୍ଲାସ, ଅଭିମାନ - ଶବ୍ଦଗୁଡ଼ିକୁ ପ୍ରୟୋଗ କରି ବାକ୍ୟ ଗଠନ କର ।

________________________________________

________________________________________

________________________________________

୫. ତଳେ ଦିଆଯାଇଥିବା ଶବ୍ଦର ବିପରୀତ ଶବ୍ଦ ଲେଖ ।

| | | | |
|---|---|---|---|
| ଦୂର | ________ | ପଶ୍ଚିମ | ________ |
| ଦରିଦ୍ର | ________ | ରାତି | ________ |
| ଅଛୁଆଁ | ________ | ଶତ୍ରୁ | ________ |
| ଆନନ୍ଦ | ________ | ପରିଚିତ | ________ |

୬. 'ନୂଆଖାଇ' ଭଳି ଓଡ଼ିଶାର କେତୋଟି କୃଷି ସମ୍ପର୍କିତ ପର୍ବର ନାମ ଲେଖ ଓ ସେଗୁଡ଼ିକ ବର୍ଷର କେଉଁ ସମୟରେ ପାଳିତ ହୁଏ । ତାଲିକା କର ।

୩

# ପରୋପକାରୀ ପକ୍ଷୀ





ତ୍ରେତୟା ଯୁଗ କାହାଣୀଟିଏ
ଶୁଣିବ ଗଣ୍ଠିଧନ,
ପରୋପକାରେ ପକ୍ଷୀ କିପରି
ଦେଲା ତା'ର ଜୀବନ । ୧ ।

ହିମାଳୟର ପାହାଡ଼ ଖୋଲେ
ଜଟାୟୁ ବୋଲି ପକ୍ଷୀ,
ସଂପାତି ସାନ ଭାଇଟି ତାର
ଦୁହେଁ ତ ଥିଲେ ସୁଖୀ । ୨ ।





ଉଡ଼ିଲେ ଦୁହେଁ ଆକାଶ ମାର୍ଗେ
ଜଣେ ଗଲା ଝାଉଁଳି,
ସଂପାତି ଡେଣା ମେଲାଇ ରଖି
ଜୀବନ ଦେଲା ବଳି । ୩ ।

ଅଂଧ ହୋଇଲା ଡେଣା ପୋଡ଼ିଲା
ଖରାର ଧାସ ପାଇ,
ଜାଟାୟୁ ବନ୍ଧୁ ଯଶ ରଖିଲା
ଘୋଷୁଛି ଆଜି ମହୀ । ୪ ।





ଶୁଣେ ଜଟାୟୁ ନାରୀର ସ୍ୱର
କାତରେ ଡାକୁଥାଏ,
ପୁଷ୍ପକ ଯାନେ ରେ ଦୁରାଚାର
ଚୋରାଇ ନେଇଯାଏ । ୫ ।



"ରକ୍ଷା କର"ର ଶବଦଶୁଣି
ଧାଇଁଲା ଖରତରେ
ଯୁଝିଲା ଲଙ୍କା - ଈଶ ସହିତ
ପଡ଼ିଲା ଭୂମି ପରେ । ୬ ।



ସୀତା ଶୋକରେ ରାମ ଧାଆଁନ୍ତେ
ଜଟାୟୁ ଦେଖି ଦୂରେ
ପାଖକୁ ଆସି ପଚାରିବାରୁ
ଶୁଣିଲେ ସବୁ ଧୀରେ । ୭ ।

ରାବଣ ନେଲା ଚୋରାଇ ସୀତା
ରଣ କଲି ତା ସଙ୍ଗେ
ତୀକ୍ଷ୍ଣ ଖଡ୍ଗରେ ଡେଣାକୁ ମୋର
କାଟିଲା ନାନା ରଙ୍ଗେ । ୮ ।

ପରପାଇଁ କି ଜୀବନ ଦେଲା
ଧନ୍ୟ ସେ ପକ୍ଷୀବର
ସଂସ୍କାର କଲେ, ରାମ, ଲକ୍ଷ୍ମଣ
ଜୀବନ ଶେଷ ତାର ।





# ଅଭ୍ୟାସ କାର୍ଯ୍ୟ

**ଆସ କେତୋଟି ନୂଆ ଶବ୍ଦ ଜାଣିବା ।**

| | | | |
|---|---|---|---|
| ପରୋପକାର | ଝାଉଁଳି | ଗଣ୍ଠିଧନ | ସଂସ୍କାର |
| ମାର୍ଗ | ତୀକ୍ଷ୍ଣ | ଦୁରାଚାର | ପୁଷ୍ପକ |

### ଶିକ୍ଷକଙ୍କ ପାଇଁ କିଛି ସୂଚନା

- ପୁରାଣର କାହାଣୀଗୁଡ଼ିକ ସମ୍ବନ୍ଧରେ କହିବେ ।
- ନୀତି ଶିକ୍ଷା ବିଷୟରେ ଗପର ଅବତାରଣା କରିବେ ।
- ପଶୁ, ପକ୍ଷୀ କିପରି ଲୋକମାନଙ୍କର ଉପକାର କରନ୍ତି ପୁରାଣରୁ ଦର୍ଶାଇବେ ।

## ଅଭ୍ୟାସ

୧. **ଆସ ନିଜ ଭିତରେ ଆଲୋଚନା କରିବା ।**

(କ) ଏ କବିତାଟି କେଉଁ ଯୁଗର କଥାକୁ କହୁଛି ?

(ଖ) କେଉଁ ପର୍ବତ ଖୋଲରେ ଜଟାୟୁ ତା'ର ଭାଇ ସହ ଥିଲା ?

(ଗ) ପୁଷ୍ପକ ଯାନରେ କିଏ ସୀତାଙ୍କୁ ଚୋରି କରିନେଉଥିଲା ?

(ଘ) କାହାର କରୁଣ କାନ୍ଦଣା ଜଟାୟୁ ଶୁଣିଲା ?

(ଙ) ପର ପାଇଁ କି କାମ କରି ପକ୍ଷୀ ଯଶ ରଖିଲା ?

(ଚ) ପକ୍ଷୀର ସଂସ୍କାର କିଏ, କିଏ କରିଥିଲେ ?

(ଛ) ରାବଣ କେଉଁ ଦେଶର ରାଜା ଥିଲା ?

୨. **'ଜଟାୟୁ' ଯେପରି ଉପକାର କଲା, ସେହିପରି ଏମାନେ ରାମାୟଣରେ କ'ଣ କରି ଯଶ ରଖିଯାଇଛନ୍ତି ଲେଖ ।**

(କ) ଗୁଣ୍ଡୁଚି ________________

(ଖ) ହନୁମାନ ________________

୩. ''ବିମାନ' ଚିତ୍ରର ଉପରେ ଥିବା କେଉଁ ଶବ୍ଦ ସହ 'ବିମାନ' ଚିତ୍ରର ତଳେଥିବା କେଉଁ ଶବ୍ଦର ସାମଞ୍ଜସ୍ୟ ଅଛି, ଗାର ଟାଣି ଦେଖାଅ ।

ନାରୀର    ଆକାଶ    ଖରାର    ଶୁଣିବ    ତୀକ୍ଷ୍ଣ    ସୀତା



ମାର୍ଗେ    ଗଣ୍ଠିଧନ    ଶୋକ    ଖଡ୍ଗ    ଧାସ    ସ୍ୱର

୪. (କ) 'ପାଖକୁ ଆସି ପଚାରିବାରୁ ଶୁଣିଲେ ସବୁ ଧୀରେ' -

କିଏ କାହାକୁ ପଚାରିବାକୁ ସବୁ ଶୁଣିପାରିଲେ । ______________

(ଖ) 'ପର ପାଇଁକି ଜୀବନ ଦେଲା ଧନ୍ୟ ସେ ପକ୍ଷୀବର' -

କିଏ ଜୀବନ ଦେଲା ? ______________

କାହା ପାଇଁ ତାହାର ଜୀବନ ଗଲା ? ______________

୫. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଲଗାଇ ବାକ୍ୟ ମାନ ଗଢ଼ିବା ।

ତୀକ୍ଷ୍ଣ, ଶବଦ, ସଂସ୍କାର, ଖରତରେ, ଦୁରାଚାର, ଯଶ

୬. ପଦ୍ୟରେ ଥିବା ଶବ୍ଦଗୁଡ଼ିକ ଗଦ୍ୟରେ କ'ଣ ହେବ -

ଶବଦ, ସପନ, ସରଗ

୭. ଗୀତକୁ ପଢ଼ ଓ ସ୍ୱରରେ ବୋଲ ।

୪

# ବିପ୍ଳବୀ ବିର୍ସାମୁଣ୍ଡା





ବଣ ପାହାଡ଼ର ମୁଲକ । ମୁଣ୍ଡାମାନେ ହେଉଛନ୍ତି ଆଦିବାସୀ । ବିହାରର ରାଞ୍ଚି ନିକଟରେ ଥିବା ତୋମଡ଼ାଗା ନଈ କୂଳରେ 'ଚୁଟୁ' ଓ 'ନାଗୁ' ଦୁଇଭାଇ ଘର କରି ରହିଥିଲେ । ସେଠାକାର ନାମ ଦେଇଥିଲେ 'ଚୁଟିୟା' । କିଛିଦିନ ପରେ ସେହି ମାଳ ଅଞ୍ଚଳର ନାମ ଦୁଇଭାଇଙ୍କ ନାମ ଅନୁସାରେ 'ଛୋଟନାଗପୁର' ହେଲା ।

ସେହି ବଂଶରେ ସୁଗୁନା ମୁଣ୍ଡା ଓ ତାର ସ୍ତ୍ରୀ କରିମ୍‌ଙ୍କ ଔରସରୁ ଜନ୍ମନେଲେ ତିନିପୁଅ ଓ ଦୁଇ ଝିଅ । ତାଙ୍କର ଚତୁର୍ଥ ସନ୍ତାନ ହେଲା ବିର୍ସା । ସେ ଗୁରୁବାରରେ ଜନ୍ମ ହୋଇଥିବାରୁ ତା'ର ନାମ ରଖାଗଲା ବିର୍ସା ।

ତାଙ୍କର ପରିବାର ଓ ଅନ୍ୟମାନେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । ସେ ପିଲାବେଳେ ବଂଶୀ ଓ ଟୁଇଲା ବଜେଇବାକୁ ଭଲ ପାଉଥିଲା । ଥରେ ଟୁଇଲା ବଜାଉଥିବାବେଳେ ତା' ମୁଣ୍ଡ ଉପରେ ପାଖ ମହୁଲ ଗଛରୁ ଉଡ଼ିଆସି କେତେକ ହଳଦିବସନ୍ତ ଘୂରି ବୁଲିଲେ । ଏହା ଦେଖି ତା' ମାଆ ବିର୍ସାକୁ କହିଲା - ''ତୋ ହାତରେ କ'ଣ ଅଛି କିରେ ? ବିର୍ସା କହିଲା - "ଯାଦୁ ଅଛି ।" ହଳଦିବସନ୍ତ ଶୁଭ ସୂଚନା ଦେଇଥାଏ । ସେ ଦିନେ ବଡ଼ ମଣିଷ ହେବ ବୋଲି ସେହି ଦିନରୁ ଜଣା ପଡ଼ିଥିଲା ।

ସେ ଚାହୁଁଥିଲା, ପାଠ ପଢ଼ି ସାହେବ ହେବ । ବଡ଼ ମଣିଷ ହେବ । ପାଠପଢ଼ିଲା । ଥରେ ଛୁଟିଦିନ ହୋଇଥାଏ । ଦେଖିଲା ଗୋଟିଏ ହଳ ବୁଲୁଛି କ୍ଷେତରେ । ଗୋଟିଏ ପଟରେ ବଳଦ ଓ ଅନ୍ୟ ପଟରେ ମଣିଷଟିଏ । ତା' ଦେହ ସହିଲା ନାହିଁ । ଇଂରେଜମାନେ ଏପରି ଦଣ୍ଡ ଦେଉଥିଲେ । ସେହିଦିନଠାରୁ ଅନ୍ୟାୟ ବିରୁଦ୍ଧରେ ଲଢ଼ିବାକୁ ଶପଥ ନେଲା ।

ଏହି ସମୟରେ ଗୋଟିଏ ବୁଢ଼ୀ ସହ ବିର୍ସାର ଭେଟ ହେଲା । ବୁଢ଼ୀ କହିଲା - 'ତୁ ତ ସେହି ପିଲା ! ଯାହାପାଇଁ ମୁଁ ଅପେକ୍ଷା କରିଛି । ତୋ ଦ୍ୱାରା ଅନେକ ବଡ଼ କାମ ହେବ । ତତେ ଦିନେ ଦୁନିଆଁରେ ସମସ୍ତେ ମାନିବେ ।' ଏହା ଶୁଣି ବିର୍ସା ଖୁସି ହୋଇଗଲା ।

ମୁଣ୍ଡାମାନଙ୍କୁ ଏକଜୁଟ କରି ବିର୍ସା ଦଳର ସର୍ଦ୍ଦାର ହେଲା । ଆଦିବାସୀମାନଙ୍କୁ ଅସ୍ତ୍ର ଧରାଇଲା । ଶତ୍ରୁମାନଙ୍କୁ ଦେଶରୁ ତଡ଼ିବା ପାଇଁ ପଣ କଲା । ଇଂରେଜମାନେ ମୁଣ୍ଡାମାନଙ୍କ ବିରୁଦ୍ଧରେ ଲାଗିଗଲେ ।

ଦୁର୍ଭିକ୍ଷ ପଡ଼ିବାରୁ ବସନ୍ତରେ ଶହ ଶହ ଲୋକ ମଲେ । ସେ ବସନ୍ତ ରୋଗୀଙ୍କ ସେବା କଲା । ଲୋକଙ୍କୁ ନିମ୍ବପତ୍ର ସିଝାଇ ସେହି ପାଣି ପିଇବାକୁ କହିଲା । ହଳଦି ଓ କଲରା ପତ୍ର ବାଟି ଖାଇବାକୁ ରୋଗୀମାନଙ୍କୁ ପରାମର୍ଶ ଦେଲା । ଲୋକମାନେ ଭଲ ହୋଇଗଲେ । ଏସବୁ ବିର୍ସାର ମହତ ପଣିଆ କଥା ।

ଜଙ୍ଗଲକୁ ଆଦିବାସୀମାନେ ଭୋଗ ଦଖଲ କରୁଥିଲେ । ସେମାନେ ବଣରୁ କାଠ, ମହୁ, ଝୁଣା ପ୍ରଭୃତି ବିକି ଗୁଜୁରାଣ ମେଣ୍ଟାଉଥିଲେ । ତାକୁ ଇଂରେଜ ସରକାର ବନ୍ଦ କରିଦେଲେ । ଜଙ୍ଗଲ ହେଉଛି ଆଦିବାସୀମାନଙ୍କର ଭାତ ହାଣ୍ଡି ।

ଆଦିବାସୀମାନେ ଇଂରେଜମାନଙ୍କୁ ହଇରାଣ କଲେ । ବିର୍ସାକୁ ଖୋଜି ଖୋଜି ତା'ର ପତ୍ତା ପାଇଲେ ନାହିଁ । ବିର୍ସା ତାଙ୍କର ମୁଣ୍ଡବ୍ୟଥାର କାରଣ ହେଲା । ସେ ଥିଲା ମୁଣ୍ଡାମାନଙ୍କର ଭଗବାନ । ତାହାରି କଥାରେ ସେମାନେ ବିଦ୍ରୋହ କରୁଥିଲେ । ରାଜ୍ୟର ରାଜା ଓ ଜମିଦାରମାନେ ବିର୍ସାକୁ ଧରାଇ ଦେବାପାଇଁ ମନସ୍ଥ କଲେ । ସେ ଗୋପନରେ ଆନ୍ଦୋଳନ ଚଳାଉଥିଲା ।

"ସେନତ୍ରା" ଜଙ୍ଗଲରେ ସନ୍ଧାନ ନେଇ ବିର୍ସାକୁ ଇନସ୍‌ପେକ୍ଟର ମାଡ଼ି ବସି ଗିରଫ କଲେ । ଅନ୍ୟମାନେ ଦୁଃଖରେ ଭାଙ୍ଗିପଡ଼ିଲେ । ତାଙ୍କୁ ରାଞ୍ଚି ଜେଲ୍‌ରେ ରଖାଗଲା । ୧୯୦୦ ମସିହା ଜୁନ୍ ୯ ତାରିଖ ସକାଳେ ସେ ରକ୍ତବାନ୍ତି କଲେ ।

ସେଦିନ ୯ଟା ବେଳେ ସବୁଦିନ ପାଇଁ ବିଦାୟ ନେଇଗଲେ । ଇଂରେଜମାନେ ପ୍ରଚାର କଲେ ଯେ, ସେ ହଇଜାରେ ମରିଛି । କିନ୍ତୁ ପ୍ରକୃତରେ ତାକୁ ଖାଦ୍ୟରେ ବିଷ ଦେଇ ମାରି ଦେଇଥିଲେ । ସେ ମରି ମଧ ଅମର ହୋଇ ରହିଗଲେ । ବିର୍ସା ଜଣେ ସଚ୍ଚା ଦେଶଭକ୍ତ, ପରୋପକାରୀ ଓ ଦରିଦ୍ରର ବନ୍ଧୁ ଥିଲେ ।

ସେ ଦରିଦ୍ର ନାରାୟଣର ସେବକ ଥିଲେ । ସବୁଦିନ ପାଇଁ ସେ ଲୋକମାନଙ୍କ ମନରେ ଚିରମନସ୍ୟ ହୋଇ ରହିଥିବେ ମଧ ।

# ଅଭ୍ୟାସ କାର୍ଯ୍ୟ

**ଆସ କେତୋଟି ନୂଆ ଶବ୍ଦ ଜାଣିବା ।**

| | | | | |
|---|---|---|---|---|
| ଦୁର୍ଭିକ୍ଷ | ମହତ | ଗୁଜୁରାଣ | ବିଦ୍ରୋହ | ଗୋପନ |
| ଶପଥ | ସନ୍ଧାନ | ନମସ୍ୟ | ସଚ୍ଚା | |

## ଶିକ୍ଷକଙ୍କ ପାଇଁ କିଛି ସୂଚନା

- ସ୍ୱାଧୀନତାରେ ଝାସ ଦେଇଥିବା କେତେକ ସଂଗ୍ରାମୀଙ୍କ ବିଷୟରେ ପିଲାଙ୍କୁ ବୁଝାଇବେ ।
- ବିର୍ସାମୁଣ୍ଡା ସମ୍ବନ୍ଧରେ ସମ୍ୟକ୍ ଧାରଣା ଦେବେ ।

## ଅଭ୍ୟାସ

୧. **ପ୍ରଶ୍ନଗୁଡ଼ିକର ଆସ ଉତ୍ତର ଲେଖିବା ।**

(କ) ବିର୍ସାର ପରିବାର କେଉଁ ଧର୍ମ ଗ୍ରହଣ କରିଥିଲେ ?

(ଖ) ଶହ ଶହ ଲୋକ ମରିବାର କାରଣ କ'ଣ ?

(ଗ) ବିର୍ସା ବସନ୍ତ ରୋଗୀଙ୍କର କିପରି ସେବା କଲା ?

(ଘ) କେଉଁମାନେ ବିର୍ସାକୁ ଧରାଇ ଦେବାକୁ ମନସ୍ଥ କଲେ ଓ କାହିଁକି ?

(ଙ) କାହାକୁ ଦେଶରୁ ତଡ଼ିବା ପାଇଁ ବିର୍ସା ଶପଥ ନେଲା ?

(ଚ) ବିର୍ସାକୁ କେଉଁ ଜେଲ୍‌ରେ ରଖାଗଲା ?

(ଛ) ଇଂରେଜମାନେ କିପରି ବିର୍ସାକୁ ମାରିଦେଲେ ?

୨. **ଆସ ଏଗୁଡ଼ିକର ଶୂନ୍ୟସ୍ଥାନ ପାଖ କୋଠରିରୁ ଖୋଜି ଲେଖିବା ।**

(କ) ସେ ଦରିଦ୍ର ନାରାୟଣର ______________ ଥିଲେ ?

(ଖ) ସେ ______________ ଓ ______________ ବଜାଇବାକୁ ଭଲ ପାଉଥିଲା ।

(ଗ) ହଳରେ ଗୋଟିଏ ପଟରେ ______________ ଓ ଅନ୍ୟ ପଟରେ ______________ ଥିଲା ।

(ଘ) ମୁଣ୍ଡାମାନଙ୍କର ______________ ଥିଲା ବିର୍ସା ।

(ଙ) ସେମାନେ ______________ କରୁଥିଲେ ।

**ବଳଦ, ବଂଶୀ, ସର୍ଦ୍ଦାର, ଟୁଇଲା, ମଣିଷ, ବିଦ୍ରୋହ, ସେବକ**

୪. ବିର୍ସାର ବାଲ୍ୟ ଜୀବନ କିପରି କଟିଥିଲା ୫ ଧାଡ଼ିରେ ଲେଖ।

୫. ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟ ଗଢ଼ିବା।

**ଔରସ, ପରାମର୍ଶ, ହଇରାଣ କଲେ, ବିଦାୟ ନେଇଗଲେ, ଅମର ହୋଇଗଲେ।**

୬. ସରଳ ଭାଷାରେ ବୁଝାଇ ଲେଖ।

(କ) ଜଙ୍ଗଲ ହେଉଛି ଆଦିବାସୀମାନଙ୍କର ଭାତ ହାଣ୍ଡି।

(ଖ) ବିର୍ସା ଜଣେ ସଚ୍ଚା ଦେଶଭକ୍ତ, ପରୋପକାରୀ ଓ ଦରିଦ୍ରର ବନ୍ଧୁ ଥିଲେ।

୮. ମଝିରେ ଦିଆଯାଇଥିବା 'ବିର୍ସା' ଚିତ୍ରର କାହା ସହ ସଂପର୍କ ଅଛି ଗାର ଟାଣି ଦେଖାଅ।

| | | | |
|---|---|---|---|
| ଆଦିବାସୀ | ଇଂରେଜ | ବଂଧୁକ | |
| ଜଙ୍ଗଲ | ଜେଲ୍ | ସାହେବ | ମୁଣ୍ଡା |



୯. ବିଷୟକୁ ଭଲଭାବେ ପଢ଼ି ସାଙ୍ଗମାନଙ୍କ ସହିତ ନାଟକରେ କର।

# ୪ ଶୀତଳ ସହରରେ ଦୁଇଦିନ



ସୁନାର ସକାଳ । ଆମେ ରେଳ ଯୋଗେ ଭୁବନେଶ୍ୱରରୁ ଯାତ୍ରା କଲୁ ଦାର୍ଜିଲିଂ । ସାଙ୍ଗରେ ଥାଆନ୍ତି ମୋର ବଂଧୁମାନେ । ଦିନ ଦୁଇଟା ବାଜିଥାଏ । ଶୀତର କୋପ ଏତେ ଯେ, ଗରମ ପୋଷାକରେ ଶରୀରକୁ ଆଚ୍ଛାଦିତ କଲେ ବି ଶୀତ ଆମକୁ ଛାଡୁ ନଥାଏ । ଗାଡ଼ି ପହଞ୍ଚିଲା ନିଉ ଜଳପାଇଗୁଡ଼ି ଷ୍ଟେସନରେ । ସୂର୍ଯ୍ୟ ଯେପରି ଧୂଆଁଳିଆ ଆକାଶରେ ମିଂଜିମିଂଜି ହୋଇ ଦିଶୁଥାନ୍ତି ।

ରିକ୍ସାରେ 'ଶିଲିଗୁଡ଼ି' ଗଲୁ । ସେଠାକୁ ଗଲାବେଳେ ବାଟରେ ଦେଖିଲୁ ପିଲାମାନେ ଏତେ ଶୀତରେ ସାର୍ଟର ବୋତାମ ଖୋଲି ଦୌଡୁଛନ୍ତି । ମନେହେଲା ସତେ ଯେପରି ଶୀତ ତାଙ୍କ ପାଖରେ ହାର୍ ମାନିଛି । ଆମେ ହୋଟେଲ୍ 'ସବେରା'ରେ ରହିଲୁ । ସକାଳୁ ଦାର୍ଜିଲିଂ ବାହାରିଲୁ । ବାଟରେ 'ମହାନନ୍ଦା' ନଈ ପଡିଲା । ନଈବାଲିରେ ଯାତ୍ରାଦଳ ଟିକେଟ୍ ସେଲ୍ ନାଚ କରୁଥିଲେ ।

ଜାନୁୟାରୀ ମାସ । ଶୀତର ପ୍ରକୋପ ଅତ୍ୟଧିକ ଥାଏ । ଚା' ବଗିଚା ସବୁଜ ରଂଗ ଧାରଣ କରିଥାଏ । ସ୍ତ୍ରୀଲୋକ ଚା' ତୋଳିବାକୁ ବଗିଚାକୁ ଯାଉଥାନ୍ତି । ବାଟରେ 'କାଞ୍ଚନ ଜଂଘା' ପର୍ବତ ଦେଖିଲୁ । ତାହାର ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର ଥିଲା । ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ଥିଲା ।

ଦାର୍ଜିଲିଂରେ ଦିନ ୧ ୨ ଟାରେ ପହଞ୍ଚିଲୁ । ଛୋଟିଆ ରେଳଷ୍ଟେସନଟିଏ । ସେତେବେଳେ ସରସ୍ୱତୀ ପୂଜା ସରିଥାଏ । ସ୍ତ୍ରୀଲୋକମାନେ ଆନନ୍ଦ ଉଲ୍ଲାସରେ କାର୍‌ର ଡିଗି ଉଠାଇ ତାହାରି ଭିତରୁ ମୂର୍ତ୍ତିଆଣି

ପାଣିରେ ପକାଇବା ପାଇଁ ଆସୁଥାନ୍ତି। ତାହା ପଶ୍ଚିମବଙ୍ଗର ଅଂଶବିଶେଷ । ସେମାନଙ୍କର ଭାଷା ବଙ୍ଗଳା । ସେଠାକାର ପରିବେଶ ଭାରି ମଧୁର ।

ଖାଦ୍ୟପେୟ ସାଧାରଣ ଧରଣର । ଆମର ଯେପରି ଖାଦ୍ୟ ସାଙ୍ଗରେ ପିଆଜ କାଟିଦିଅନ୍ତି, ତାଙ୍କର ସେଠାରେ ମୂଳାକୁ ଖଣ୍ଡ ଖଣ୍ଡ କରି ଥାଳି କଡ଼ରେ ଦେଇଥାଆନ୍ତି। ଚା' ତାଙ୍କର ପ୍ରିୟ ପାନୀୟ । ଦାର୍ଜିଲିଂ ସହରରେ ଦୁଇଟି ମାର୍କେଟ୍ ଅଛି । ଗୋଟିଏ 'ମେଲ୍' ଓ ଅନ୍ୟଟି 'ମ୍ୟାରୀ' । ଏଠାରେ ସମସ୍ତ ପ୍ରକାର ରେଶମ, ପଶମ ଓ ବିଭିନ୍ନ ପ୍ରକାର ଗରମ ପୋଷାକ ମିଳେ । ଆମ ଓଡ଼ିଶା ଅପେକ୍ଷା ଏଠାରେ ସୁଲଭ ମୂଲ୍ୟରେ ମିଳେ । ସେଠାକାର ପ୍ରାକୃତିକ ପରିବେଶକୁ ଭୁଲି ହେବ ନାହିଁ ।

ସେଠାକାର ଲୋକମାନଙ୍କର ଚାଲିଚଳନରେ କିଛି ପାର୍ଥକ୍ୟ ଦେଖାଯାଏ ନାହିଁ । ସମସ୍ତେ କର୍ମଜୀବୀ । ସେମାନେ ମେଳାପି ଓ ମିଷ୍ଟଭାଷୀ । ସୁନ୍ଦର ସୁଠାମ ଚେହେରା । ତାଙ୍କର ବଂଧୁପଣିଆରେ ଆମେ ମୁଗ୍ଧ ହୋଇଗଲୁ । ହସହସ ବଦନରେ ଶୀତଳ ସହରରେ ଦୁଇ ଦିନ କଟାଇଲୁ ।

ସେଠାରୁ କେତେକ ଗରମ ପୋଷାକ କିଣିଲୁ । ଫେରିଲା ପରେ ହୋଟେଲ୍ 'ସବେରା' ପଛର 'ହଂକଂ' ମାର୍କେଟ୍‌ରୁ ଦାମୀଦାମୀ ଜିନିଷ କିଣିଲୁ ।

ପାହାଡ଼, ପର୍ବତ ଘେରା ଗାଁ ଗଣ୍ଡା, ବଜାର ସହର ଓ, ଦୋକାନବଜାର ଏବେବି ମନ ଭିତରେ ଉଙ୍କିମାରୁଛି । ସେ ଲୋକମାନଙ୍କର କଥା, ଚାଲିଚଳଣି, ଖାଦ୍ୟପେୟ ଓ ଭାବଭଙ୍ଗୀକୁ ଭୁଲି ହେବ ନାହିଁ । ସେଠାକାର ଦୃଶ୍ୟଗୁଡ଼ିକ ମନ ଭିତରେ ଆଙ୍କି ହୋଇ ରହିଯାଇଛି ।

ଆମେ ଭ୍ରମଣକାରୀ ଭାବେ ଗଲୁ କିନ୍ତୁ ବଂଧୁଭାବ ନେଇ ଫେରିଲୁ । ସେ ଦିନର କଥା ମନେପଡ଼ିଲେ ପୁନର୍ବାର ଯିବା ପାଇଁ ମନହୁଏ । ପ୍ରକୃତି ସତେ ଯେପରି ତାଙ୍କୁ ମମତାର ଡୋରରେ ବାନ୍ଧି ଦେଇଛି । ଧନ୍ୟ ଦାର୍ଜିଲିଂ । ଧନ୍ୟ ସେ ପଶ୍ଚିମବଙ୍ଗ ।

## ଅଭ୍ୟାସ କାର୍ଯ୍ୟ

**ଆସ ନୂଆ ଶବ୍ଦକୁ ଜାଣିବା ।**

| | | | |
|---|---|---|---|
| ଆଚ୍ଛାଦିତ | ମୁଗ୍ଧ | ଚାଲିଚଳନ | ଉଲ୍ଲାସ |
| ମେଳାପୀ | ମିଷ୍ଟଭାଷୀ | ଭାବଭଙ୍ଗୀ | ଦୃଶ୍ୟ |
| ଶପଥ | ସନ୍ଧାନ | ନମସ୍ୟ | ସଚ୍ଚା |

## ଶିକ୍ଷକଙ୍କ ପାଇଁ କିଛି ସୂଚନା

- ପ୍ରଥମେ ଭାରତର ରାଜ୍ୟ ବିଷୟରେ ଧାରଣା ଦେବେ ।
- ପଶ୍ଚିମବଙ୍ଗର କଥା କିଛି ପିଲାମାନଙ୍କୁ ଶୁଣାଇବେ ।
- ବଡ଼ଲୋକଙ୍କର ଭ୍ରମଣ କାହାଣୀ କହିବେ ।

## ଅଭ୍ୟାସ

**୧. ଆସ ଆମେ ଉତ୍ତର ଖୋଜିବା ।**

(କ) ଦାର୍ଜିଲିଂ କେଉଁ ରାଜ୍ୟରେ ଅବସ୍ଥିତ ?

(ଖ) 'ମହାନନ୍ଦା' ନଈ କେଉଁ ଯାଗାକୁ ଯିବା ବାଟରେ ପଡ଼େ ?

(ଗ) ହୋଟେଲ୍ 'ସବେରା' ପାଖରେ କେଉଁ ମାର୍କେଟ୍ ଅଛି ?

(ଘ) ଦାର୍ଜିଲିଂର ଲୋକମାନଙ୍କର ଖାଦ୍ୟ ପାନୀୟ କିପରି ଅଟେ ?

(ଙ) ପ୍ରତିଦିନ ସେଠାରେ ସ୍ତ୍ରୀଲୋକମାନେ କି କାମ କରିଥାନ୍ତି ?

**୨. ଆସ କାହାର କାହା ସହିତ ସଂପର୍କ ଅଛି, ଗାର ଟାଣି ଚିହ୍ନାଇବା ।**

| | |
|---|---|
| ମହାନନ୍ଦ | ପରିବେଶ |
| ଗରମ | ପର୍ବତ |
| ପ୍ରାକୃତିକ | ପୋଷାକ |
| ପାହାଡ | ସହର |
| ବଜାର | ଆକାଶ |
| ଧୂଆଁଳିଆ | ନଈ |

**୩. ଯେପରି 'ହସହସ' ଶବ୍ଦ ହୋଇଛି, ସେହିପରି ୫ଟି ଯୋଡ଼ା ଶବ୍ଦ ଲେଖ ।**

**୪. ଅସଜଡ଼ା ବାକ୍ୟକୁ ସଜାଡ଼ି ଲେଖ ।**

(କ) ବଙ୍ଗଳା ଅଧିବାସୀଙ୍କ ସେଠାକାର ହେଉଛି ମାତୃଭାଷା ।

(ଖ) ରେଳ ଛୋଟିଆଟିଏ ଷ୍ଟେସନ ତାହା ଅଟେ ।

(ଗ) ସବୁଜ ରଙ୍ଗ ଧାରଣ ବଗିଚା କରିଥାଏ ଚା' ।

(ଗ) ସବୁଜ ଧାରଣ ବଗିଚା କରିଥାଏ ଚା' ।

(ଘ) ଜନ୍ମଭୂମି ଏକ ଆମ କ୍ଷେତ୍ରପୁଣ୍ୟ ଓଡ଼ିଶା ।

(ଙ) ଆମ ଅଛି ପାଖରେ ଘର ଗୋଟିଏ ନଈ ।

୫. ଆସ ତଳ ଶବ୍ଦଗୁଡ଼ିକୁ ଲଗାଇ ବାକ୍ୟ ଗଢ଼ିବା ।

ପୁନର୍ବାର, ଦୃଶ୍ୟ, ପ୍ରକୃତି, ଭ୍ରମଣ, ଉଲ୍ଲାସ, ଗାଁ ଗଣ୍ଡା ।

୬.

| ସହରର ନାମ | କେଉଁ ରାଜ୍ୟରେ |
|---|---|
| ଯେପରି - ଦାର୍ଜିଲିଂ | ପଶ୍ଚିମବଙ୍ଗରେ |
| ସେହିପରି - ଦାରିଙ୍ଗବାଡ଼ି | ____________ |
| କାମାକ୍ଷାଦେବୀ ମନ୍ଦିର | ____________ |

୭. ସରଳ ଭାଷାରେ ବୁଝାଇ ଲେଖ ।

(କ) ଆମେ ଭ୍ରମଣକାରୀ ଭାବେ ଗଲୁ କିନ୍ତୁ ବଂଧୁଭାବ ନେଇ ଫେରିଲୁ ।

(ଖ) ପ୍ରକୃତି ସତେ ଯେପରି ତାଙ୍କୁ ମମତାର ଡୋରରେ ବାନ୍ଧି ଦେଇଛି ।

୭

# ଜଣାଣ





ତିନିଭୁବନର କରତା ହେ ତୁମେ
ପିତା, ମାତା, ସଖା, ସୋଦର
ଭିଆଣ କରିଛ ଏ ମହୀମଣ୍ଡଳ
ଦିଶେ କେଡ଼େ ସତେ ସୁନ୍ଦର ।
ଜନ, ପ୍ରାଣୀ ହିତେ ଋତୁ ସରଜିଲ
କେ ବୁଝିବ ଅବା ମହିମା
ତୁମ ହାତ ଗଢ଼ା ସୁନା ସଂସାରରେ
ଦାନର ନାହିଁ ତ ସୀମା ।



ଫୁଲ ଫୁଟାଇଲ, ସୁଗନ୍ଧ ବି ଦେଲ,
ଚନ୍ଦନରେ ଦେଲ ବାସ
ହେ ବିଶ୍ୱ ସମ୍ରାଟ, ନ କର କପଟ
ଥରେ ଏ ମର୍ତ୍ତ୍ୟକୁ ଆସ ।





ସ୍ନେହ, ମମତାର ଧାରା ଛୁଟାଇଲ
ସବୁରି ପ୍ରାଣରେ ଥାଇ
ଅନ୍ତର୍ଯ୍ୟାମୀ ତୁମେ ମନ କଥା ଜାଣ
ଅନ୍ତର ଭିତରେ ରହି ।
ଜନମ ସାଙ୍ଗକୁ ମରଣ ବି ଦେଲ,
ପୁଣ୍ୟ ସଙ୍ଗେ ଦେଲ ପାପ
ବୁଝି, ବିଚାରି କାମ ନ କରିଲେ
ଦେଇଥାଅ ଅଭିଶାପ ।





ମଙ୍ଗଳମୟ ହେ କରୁଣା ସାଗର
ଘେନ ମୋର ପ୍ରଣିପାତ
ଭଲ କାମ ପାଇଁ ପରସେବା ପାଇଁ
ଦେଖାଇ ଦିଅ ହେ ପଥ ।

# ଅଭ୍ୟାସ କାର୍ଯ୍ୟ

**କେତୋଟି ନୂଆ ଶବ୍ଦକୁ ଜାଣିବା ।**

| | | | | | |
|---|---|---|---|---|---|
| ଭିଆଣ | ଅନ୍ତର୍ଯ୍ୟାମୀ | ମହୀମଣ୍ଡଳ | ବିଶ୍ୱ | କରୁଣା | ଅଭିଶାପ |
| ସୁଗନ୍ଧ | ସମ୍ରାଟ | ସୋଦର | ମର୍ତ୍ତ୍ୟ | ସାଗର | ମମତା |

**ଶିକ୍ଷକଙ୍କ ପାଇଁ କିଛି ସୂଚନା**

- ଈଶ୍ୱର ସବୁ ସୃଷ୍ଟି କରିଛନ୍ତି ବୋଲି ପିଲାମାନଙ୍କୁ ସୂଚନା ଦେବା ।
- କେତେଗୋଟି ଭଲ ଭଲ ଜଣାଣ ପିଲାମାନଙ୍କୁ ଶିଖାଇବା ଓ ବୋଲାଇବା ।

## ଅଭ୍ୟାସ

**୧. ଆସ ଆମେ କଥାବାର୍ତ୍ତା ହେବା ।**

(କ) ତିନିଭୁବନ କାହାକୁ କହନ୍ତି ?

(ଖ) କାହା ପାଇଁ ଋତୁର ସୃଷ୍ଟି ହୋଇଛି ?

(ଗ) ମନକଥା କିଏ ଜାଣନ୍ତି ?

(ଘ) 'କରୁଣାର ସାଗର' ବୋଲି ଆମେ କାହାକୁ ଜାଣିବା ?

(ଙ) ଅଭିଶାପ କେଉଁଥିପାଇଁ ମିଳେ ?

(ଚ) ଆମେ କିପରି କାମ କରିବା ଉଚିତ୍ ?

**୨. ତଳେ ଦିଆଯାଇଥିବା ପଦଟିକୁ ସଜାଡ଼ି ଲେଖିବା ।**

ସ୍ନେହ ସବୁରି ଧାରା ଥାଇ ଛୁଟାଇଲ ପ୍ରାଣରେ ମମତାର ।
ରହି ମନ ଜାଣ ଅନ୍ତର ତୁମେ କଥା ଭିତରେ ଅନ୍ତର୍ଯ୍ୟାମୀ ।

**୩. ସରଳ ଭାଷାରେ ବୁଝାଇ ଲେଖ ।**

"ଜନମ ସାଙ୍ଗକୁ ମରଣ ବି ଦେଲ
ପୁଣ୍ୟ ସଙ୍ଗେ ଦେଲ ପାପ
ବୁଝି, ବିଚାରି ତ କାମ ନ କରିଲେ
ଦେଇଥାଅ ଅଭିଶାପ ।"

୪. 'କ' ସ୍ତମ୍ଭକୁ 'ଖ' ସ୍ତମ୍ଭ ସହ ମିଶାଇ ଶବ୍ଦ ଲେଖ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| କରୁଣା | ଧାରା |
| ମମତା | ସମ୍ରାଟ |
| ବିଶ୍ୱ | ମାତା |
| ପିତା | କାମ |
| ଭଲ | ସାଗର |

୫. ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦୁଇ ଧାଡ଼ିରେ ଲେଖ।

(କ) "ସ୍ନେହ, ମମତାର ଧାରା ଛୁଟାଇଲ
ସବୁରି ପ୍ରାଣରେ ଥାଇ"

(୧) କି ପ୍ରକାର ଧାରା ଛୁଟାଇଲ ?

(୨) କେଉଁଠାରେ ତୁମେ ଥାଅ ?

(ଖ) "ଅନ୍ତର୍ଯ୍ୟାମୀ ତୁମେ ମନ କଥା ଜାଣ
ଅନ୍ତର ଭିତରେ ରହି।"

୧. କାହାକୁ ଏଠାରେ ଅନ୍ତର୍ଯ୍ୟାମୀ କୁହାଯାଇଛି ?

୨. ମନ କଥାକୁ କେଉଁଠାରେ ରହି ଜାଣିପାରନ୍ତି ?

# ୭ ଟେଲିଭିଜନର ରହସ୍ୟ



ଆଜିକାଲି ଲୋକମାନେ ଟେଲିଭିଜନ୍‌କୁ ଆଦର କରୁଛନ୍ତି । ଆଗେ ରେଡ଼ିଓ ଶୁଣୁଥିଲେ । ଏବେ ଏହାଦ୍ୱାରା ଦେଖି ହେଉଛି ଓ ଶୁଣି ହେଉଛି । ଦୂରସ୍ଥାନର ଦୃଶ୍ୟ, ଗୀତ, ନାଚ, ସିନେମା, ଭାଷଣ, ଡାକ୍ତରମାନଙ୍କର ଅସ୍ତ୍ରୋପଚାରକୁ ଘରେ ବସି ଦେଖି ପାରୁଛନ୍ତି ଲୋକମାନେ ।

କେତେଖଣ୍ଡ କାଠ ଢବଲ୍, କାଗଜପଟି, ଶୋଲ, ଟିଣ, ପାତିଆ, କେତେକ ଯବକାଚ, ପୁରୁଣା ପଙ୍ଖା ଓ ରେଡ଼ିଓ ଢାବଲ୍ ସଂଗ୍ରହ କରି ଜନ୍ ବେୟଡ଼୍ ଗବେଷଣା ଆରମ୍ଭ କଲେ । ଶେଷରେ ଟେଲିଭିଜନ୍ ତିଆରି କରିବାରେ ସଫଳ ହେଲେ । ଚିତ୍ରକୁ ନିଜ ଆଖିରେ ସମସ୍ତେ ଦେଖିପାରିଲେ ।

ସର୍ବପ୍ରଥମେ ଲଣ୍ଡନର ଡର୍ବି ଘୋଡ଼ା ଦୌଡ଼ ଟେଲିଭିଜନ ଜରିଆରେ ସର୍ବ ସାଧାରଣ ଦେଖିପାରିଲେ ।

ଆମ ଭାରତରେ ୧୯୫୪ ମସିହାରୁ ଟେଲିଭିଜନ ବ୍ୟବହାର ଆରମ୍ଭ ହୋଇଛି । ଏହା ସାହାଯ୍ୟରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଚାର କରାଯାଉଛି । ସମୁଦ୍ର ଭିତରର ଫଟୋ ଉଠାଯାଇପାରୁଛି ଟେଲିଭିଜନ୍ କ୍ୟାମେରା ସାହାଯ୍ୟରେ । କ୍ରିକେଟ୍ ଖେଳ ପାଇଁ ଦର୍ଶକମାନଙ୍କର ଭିଡ଼ ଜମିଯାଏ ଟେଲିଭିଜନ୍ ପାଖରେ ।

କର୍ମକ୍ଲାନ୍ତ ଜୀବନରେ ଟିକେ ଆନନ୍ଦ ପାଇଁ ଲୋକେ ସନ୍ଧ୍ୟାବେଳେ ଟେଲିଭିଜନ୍ ଖୋଲି ବସିଯାଆନ୍ତି । ଦୁଃଖ ଦୂର ହୋଇଯାଏ ଥରେ ଦେଖିଦେଲେ । ମନରେ ଆନନ୍ଦ ଭରିଯାଏ ।

ଧନ୍ୟ ସେହି ବୈଜ୍ଞାନିକ, ଯିଏ ସୁଖର ଗନ୍ତାଘର ଆମ ପାଖରେ ଦେଇଛନ୍ତି । ସେ ଆଜି ସିନା ନାହାନ୍ତି, କିନ୍ତୁ ତାଙ୍କର ସାଧନା ପାଖରେ ଆମର ମୁଣ୍ଡ ନଇଁଯାଏ । ଦୁଃଖ କଷ୍ଟ, ଅଭାବ ଅନଟନ ଭିତରେ ଗତିକରି ସେ ପାଇଛନ୍ତି ଅମୃତର ସନ୍ଧାନ । ଦେଶ ବିଦେଶରେ ତାଙ୍କର ସୁନାମ ରହିଛି । ଲୋକଙ୍କ ମନରେ ସେ ମରି ମଧ ଅମର ହୋଇ ରହିଛନ୍ତି । ସାରା ପୃଥିବୀ ଆଜି ତାଙ୍କର ଜୟଗାନ କରୁଛି । ସବୁଦିନ ପାଇଁ ସେ ଲୋକମାନଙ୍କ ହୃଦୟରେ ଜୀବିତ ରହିଥିବେ ।

## ଅଭ୍ୟାସ କାର୍ଯ୍ୟ

**କେତୋଟି ନୂଆ ଶବ୍ଦ ବିଷୟରେ ଆସ ଜାଣିବା ।**

| | | | |
|---|---|---|---|
| ଦୃଶ୍ୟ | ସାଂସ୍କୃତିକ | ବୈଜ୍ଞାନିକ | ଜୟଗାନ |
| ସଂଗ୍ରହ | ଗନ୍ତାଘର | ଅସ୍ତ୍ରୋପଚାର | ଅନଟନ |
| ସଫଳ | ଗବେଷଣା | ବ୍ୟବହାର | ସୁନାମ |

### ଶିକ୍ଷକଙ୍କ ପାଇଁ କିଛି ସୂଚନା

- ବିଭିନ୍ନ ପ୍ରକାର 'ଉଦ୍ଭାବନ' ଓ 'ଆବିଷ୍କାର' ବିଷୟରେ ପିଲାଙ୍କୁ ସୂଚନା ଦେବେ ।
- ଜନ୍ ବେୟଡ୍ କିପରି ଟେଲିଭିଜନ ତିଆରି କଲେ ଜଣାଇବେ ।
- ଦେଶ, ବିଦେଶର ବୈଜ୍ଞାନିକମାନଙ୍କ ବିଷୟରେ ଧାରଣା ଦେବେ ।

## ଅଭ୍ୟାସ

୧. **ଆସ ଆମେ ଆଲୋଚନା କରି ଉତ୍ତର ଖୋଜିବା ।**

(କ) ଜନ୍ ବେୟାର୍ଡ ଟେଲିଭିଜନ ତିଆରି ପାଇଁ କେଉଁ ସବୁ ଜିନିଷ ସଂଗ୍ରହ କରିଥିଲେ ?

(ଖ) ସର୍ବ ପ୍ରଥମେ ସର୍ବ ସାଧାରଣ ଟେଲିଭିଜନରେ କ'ଣ ଦେଖିଲେ ?

(ଗ) ଭାରତରେ ଟେଲିଭିଜନର ବ୍ୟବହାର କେବେଠାରୁ ଆରମ୍ଭ ହୋଇଛି ?

(ଘ) ସୁଖର ଗନ୍ତାଘର ଆମ ପାଖରେ ଦେଇଛନ୍ତି ବୋଲି ଆମେ କିପରି ଜାଣୁଛେ ?

(ଙ) ଜନ୍ ବେୟାର୍ଡ୍ ମରିବା ପରେ ମଧ୍ୟ ଅମର ହୋଇ ରହିଛନ୍ତି କିପରି ?

୨. **ତଳେ ଯେଉଁ ଶବ୍ଦ ଦିଆଯାଇଛି, ତାହାର ବିପରୀତ ଶବ୍ଦ ଲେଖ ପାଖ କୋଠରିରେ ।**

| | | | |
|---|---|---|---|
| ଅଭାବ | | ଜୀବନ | |
| ଦୁଃଖ | | ସୁନାମ | |
| ଆରମ୍ଭ | | ସଫଳ | |

୩. **ସରଳ ଭାଷାରେ ବୁଝାଇ ଲେଖ ।**

ଦୁଃଖ କଷ୍ଟ, ଅଭାବ ଅନଟନ ଭିତରେ ଗତିକରି ସେ ପାଇଛନ୍ତି ଅମୃତର ସନ୍ଧାନ ।

୪. **'ଦୁଃଖକଷ୍ଟ' ପରି ୩ ଯୋଡ଼ା ଶବ୍ଦ ଗଢ଼ ଓ ଲେଖ ।**

୫. **ଟେଲିଭିଜନ ଉପରେ ଯେଉଁ ଶବ୍ଦ ଦିଆଯାଇଛି, ତାହାର ସହିତ ତଳ ଶବ୍ଦର ମେଳ ଦେଖାଅ ।**
**ଡାକ୍ତରମାନଙ୍କ, ଉର୍ବି, ସାଂସ୍କୃତିକ, ପୃଥିବୀ, କର୍ମକ୍ଳାନ୍ତ**

ଅସ୍ତ୍ରୋପଚାର,
ଜୟଗାନ,
ଘୋଡ଼ାଦୌଡ଼,



ଜୀବନ,
କାର୍ଯ୍ୟକ୍ରମ

୬. ଯେପରି ଉଦାର - ଉଦାରତା

ସାଧୁ – ________

ସରଳ – ________

କୋମଳ – ________

ଗଭୀର – ________

ସ୍ନିଗ୍ଧ – ________

୭. 'ଜନ୍ ବେୟାର୍ଡ' ଯେପରି ଟେଲିଭିଜନକୁ ଉଦ୍ଭାବନ କଲେ, ସେହିପରି ତଳେ ଦିଆଯାଇଥିବା ଜିନିଷକୁ କିଏ ଉଦ୍ଭାବନ କରିଥିଲେ ?

(କ) ରେଡ଼ିଓ ________

(ଖ) ସାଇକେଲ୍ ________

(ଗ) ଫାଉଣ୍ଟେନ୍ ପେନ୍ ________

୮. ଟେଲିଭିଜନ ତୁମମାନଙ୍କର କେଉଁ କେଉଁ ଉପକାରରେ ଆସୁଛି ୫ଟି ବାକ୍ୟରେ ଲେଖ ।

୮

# ବୁଦ୍ଧିର କରାମତି



ପ୍ରହରାଜପୁର ଗୋଟିଏ ବଡ଼ ଗାଆଁ । ସେଠାରେ ବୁଢ଼ାପୀରଙ୍କର ଆସ୍ଥାନ ଓ ବୁଢ଼ୀ ଜାଗୁଳେଈ ପୀଠ, ଗାଆଁର ଶୋଭା ବଢ଼ାଉଛି । ଏହାର ଉତ୍ତରରେ ମହାନଦୀ ଓ ଦକ୍ଷିଣରେ ପାଇକା ନଈ କୁଳୁ କୁଳୁ ନାଦରେ ବହିଯାଉଛି । ସବୁ ଜାତିର ଲୋକ ନିଜ ନିଜର କୁଳ ବେଉସା କରି ଜୀବିକା ନିର୍ବାହ କରନ୍ତି ।

ଦାସ ଘର ଗୋଟିଏ ନାମଜାଦା ଘର । ବୁଢ଼ାର ତିନି ପୁଅ । ସେ ଚାକିରି କରି ସମସ୍ତଙ୍କୁ ପାଠ ପଢ଼ାଇ ମଣିଷ କଲା । କିଏ ଡାକ୍ତର, କିଏ ଇଞ୍ଜିନିୟର, କିଏ ଅଫିସର ହେଲେ । ଧୁମ୍‌ଧାମ୍‌ରେ ବାହାଘର ହେଲା । ସମସ୍ତେ ନିଜ ଚାକିରିକୁ ଚାଲିଗଲେ । ସେମାନେ ବର୍ଷକୁ ଥରେ ଦୁର୍ଗାପୂଜାରେ ଗାଆଁକୁ ଆସନ୍ତି । ଘରେ ବୁଢ଼ା ବୁଢ଼ୀ ଦୁଇପ୍ରାଣୀ ।

ହଇଜା ଆସିଲା । ବୁଢ଼ୀ ମରିଗଲା । ହାତରେ ବୁଢ଼ା ଫୁଟେଇ ଖାଏ । ପିଲାମାନେ ତାଙ୍କ ସଂସାରରେ ବ୍ୟସ୍ତ ରହିଲେ । ବୁଢ଼ାକଥା ମନରୁ ଭୁଲିଗଲେ । ବୁଢ଼ା ଭାବେ ''ଏତେ କଷ୍ଟ କରି ମଣିଷ କଲି, ହେଲେ ବୁଢ଼ା ବୟସରେ ପିଲାମାନେ ସାହା ହେଲେ ନାହିଁ ।''

ବୁଢ଼ାର ଦିନ ଦୁଃଖରେ କଟୁଥାଏ । ଟଙ୍କାଟାଏ ବି ସେମାନେ ବୁଢ଼ାବାପ ପାଖକୁ ପଠାନ୍ତି ନାହିଁ । ବୁଢ଼ାର କାନ୍ଦି କାନ୍ଦି ଦିନଗଲା । କିଛିଦିନ ପରେ ଆସିଲା ଦୁର୍ଗାପୂଜା । ସବୁ ପୁଅ-ବୋହୂ, ନାତି-ନାତୁଣୀଙ୍କର ଗାଁକୁ ଆସିବା ବେଳ ହୋଇଗଲା ।

ବାଡ଼ିରୁ ଅମୃତଭଣ୍ଡା ତୋଳି ବୁଢ଼ା ବେପାରୀକୁ ବିକିଲା । ବେପାରୀ ବୁଢ଼ାକୁ ପଚାଶ ଟଙ୍କା ଦେଲା । ବୁଢ଼ା ତାକୁ ରେଜା କରି ଗୋଟିଏ ଟିଣ ବାକ୍ସରେ ପକାଇଲା ।

ଦଶହରାକୁ ସମସ୍ତେ ଆସିଲେ । ଦଶଦିନ ରହିଲେ । ଦଶହରାରେ ଖଣ୍ଡାପୂଜା ହେଲା । ବୁଢ଼ା ରାତିରେ ଖାଇ କବାଟ ବନ୍ଦ କରି ଶୋଇଲା । ଶୋଇବା ପୂର୍ବରୁ ଟଙ୍କା କାଢ଼ି ଗଣିଲା । ଠଣ, ଠଣ ଶବ୍ଦ ହେଲା । ଏଣେ ଦୁଆରେ ସବୁ ପୁଅ-ବୋହୂ ଶୁଣିଲେ । ଭାବିଲେ ବୁଢ଼ା ପାଖରେ ବହୁତ ଟଙ୍କା ଅଛି । ପୁଅ-ବୋହୂମାନେ ବୁଢ଼ାକୁ ଦୂରଦୂର କରୁଥିଲେ ।

ରାତି ପାହି ସକାଳ ହେବା ଆଗରୁ ବୋହୂମାନେ ଉଠିଲେ । ବୁଢ଼ା ଉଠିବା ଆଗରୁ ପାଣି ଥୋଇଲେ ମୁହଁ ଧୋଇବା ପାଇଁ । ଜଳଖିଆ, ଭାତ ଖାଇବାକୁ ଦେଲେ । ଗୋଟିଏ ବୋହୂ ବୁଢ଼ା ପାଖରେ ରହିଲା ଓ ଅନ୍ୟମାନେ ବିଦେଶ ଗଲେ । ପୁଣି ଗୋଟିଏ ବୋହୂ ବୁଢ଼ାର ସେବା ଶୁଶ୍ରୁଷା କଲା, ଆରଜଣକ ବିଦେଶ ଗଲା । ପାଳିକରି ବୁଢ଼ାର ସେବା ଯତ୍ନ କଲେ । ବୁଢ଼ା କିନ୍ତୁ ଶୋଇଲା ପୂର୍ବରୁ ଟଙ୍କା ଗଣି ଟିଣ ଡବାରେ ପୂରାଏ ସବୁଦିନ ।

ସେହି ବର୍ଷ ବୁଢ଼ା ଶୀତ ମାସରେ ମରିଗଲା । ଆନନ୍ଦରେ ତାର ଦିନ କଟିଗଲା । ପୁଅମାନେ ଆସିଲେ । ଗୋଟିଏ ପୁଅ କହିଲା ଡବା ଖୋଲିବା । ବଡ଼ ପୁଅ କହିଲା, ବୁଢ଼ାର ଶୁଦ୍ଧିକ୍ରିୟା ଧୁମ୍‌ଧାମ୍‌ରେ କରିବା ପରେ ଡବା ଖୋଲିବା । ସେଇଆ ହେଲା । ବୁଢ଼ାର ଶୁଦ୍ଧି କର୍ମରେ ବହୁତ ଟଙ୍କା ଖର୍ଚ୍ଚ ହେଲା ।

ପାଞ୍ଚଶହ ଲୋକ ଖାଇଲେ । ମହାପ୍ରସାଦ ପୁରୀରୁ ଆସିଲା । ପଚାଶ ବ୍ରାହ୍ମଣ ଖାଇଲେ । ଗାଁ ଲୋକେ ପୁଅମାନଙ୍କୁ ବାଃ ବାଃ କଲେ । ପୁଅମାନଙ୍କର ଲକ୍ଷ୍ୟ କିନ୍ତୁ ଡବା ଉପରେ ଥାଏ ।

ବୁଢ଼ାର ଶୁଦ୍ଧିକ୍ରିୟା କାମ ସରିବା ପରେ ରାତିରେ ସମସ୍ତେ ଡବାକୁ ଆଣିଲେ । ଡବା ମଝିରେ ଥୁଆ ହେଲା । ଶେଷରେ ଖୋଲା ହେଲା । ଗଣା ହେଲା ବେଳକୁ ଜଣାଗଲା ମୋଟ୍ ପଚାଶ ଟଙ୍କା । ସମସ୍ତେ ମୁଣ୍ଡରେ ହାତ ଦେଇ ବସିଲେ । ଗୁଡ଼ାଏ ଟଙ୍କା ଖର୍ଚ୍ଚ କରିଥିବାରୁ ତାଙ୍କର ହାଲୁକ ଶୁଖିଗଲା ।

ସାନବୋହୂ କହିଲା, ବୁଢ଼ା ଭାରି ଚାଲାକ୍ । ଆମକୁ ବୋକା ବନେଇ ଚାଲିଗଲା । ପୁଅମାନେ କହିଲେ, ଆମେ ବୁଦ୍ଧି କରିଥିଲେ, ବୁଢ଼ା ଠକ ଠାକ୍ ମରିଯାଇଥାନ୍ତା ।

ଚାକର କହିଲା, ବୁଢ଼ା ଏ ବୁଦ୍ଧି ନକରିଥିଲେ, ତୁମେ ତା'ର ସେବା, ଶୁଦ୍ଧିକ୍ରିୟା କରି ନଥାନ୍ତ । ଯାହାହେଉ, ଠାକୁରେ ବୁଢ଼ା କଣ୍ଠରେ ବସିବାରୁ ସେ ତରିଗଲା । ଶେଷଦିନତକ ସୁଖରେ ବୁଢ଼ାର କଟିଗଲା । ବୁଦ୍ଧି ସବୁଠାରୁ ବଡ଼ । ଏସବୁ ବୁଦ୍ଧିର କରାମତି ।

## ଅଭ୍ୟାସ କାର୍ଯ୍ୟ

**ଆସ ନୂଆ ଶବ୍ଦକୁ ଜାଣି ମନେରଖିବା ।**

| | | |
|---|---|---|
| ନିର୍ବାହ | କୁଳୁକୁଳୁ | ବାକ୍ସ |
| ଖର୍ଚ୍ଚ | ଶୁଦ୍ଧିକ୍ରିୟା | ଧୁମ୍‌ଧାମ୍ |
| ବୁଦ୍ଧି | ମୁଦ୍ରା | ଆସ୍ଥାନ |

### ଶିକ୍ଷକଙ୍କ ପାଇଁ କିଛି ସୂଚନା

- ଗପ ମାଧ୍ୟମରେ ପିଲାଙ୍କୁ ନୀତିଶିକ୍ଷା ଦେବା ।
- କଥା କହିବା ଭଙ୍ଗୀରେ ପିଲାଙ୍କ ମନରେ ଆନନ୍ଦ ଭରିବା ।
- ପିଲାଙ୍କ ମନରେ ଗଭୀର ରେଖାପାତ କଲାପରି କଥା କହିବା ।

### ଅଭ୍ୟାସ

**୧. ନିଜ ସାଙ୍ଗମାନଙ୍କ ସହ ଆଲୋଚନା କରିବା ଓ ନିଜ ଭିତରେ କୁହାକୁହି ହେବା ।**

(କ) ପ୍ରହରାଜପୁର ଗାଁ ର କିଏ ସବୁ ଶୋଭା ବଢ଼ାଉ ଛି ?

(ଖ) ବୁଢ଼ାର ପୁଅମାନେ କ'ଣ କରନ୍ତି ?

(ଗ) ବୁଢ଼ା ରାତିରେ ଶୋଇବା ଆଗରୁ କ'ଣ କରୁଥିଲା ?

(ଘ) ବୁଢ଼ା କି ବୁଦ୍ଧି ପାଞ୍ଚିଲା ?

(ଙ) ପୁଅମାନେ ବୁଢ଼ାର ଶୁଦ୍ଧିକ୍ରିୟା କିପରି କଲେ ?

**୨. ଉତ୍ତର ଲେଖ ।**

(କ) ବୁଢ଼ା କିପରି ବୋକା ବନେଇଲା ?

___

___

___

(ଖ) ତିନିପୁଅମାନେ କି' କି' ଚାକିରୀ କରୁଥିଲେ ?

___

___

___

(ଗ) ଦାସ ବୁଢ଼ାର ଅବସ୍ଥା କିପରି ଥିଲା ?

(ଘ) ଟିଣ ବାକ୍ସରେ କ'ଣ ରଖି ନିତି ରାତିରେ ଗଣୁଥିଲା ?

(ଙ) ଟଙ୍କା ପାଇବା ଆଶାରେ ବୋହୂମାନେ କ'ଣ କଲେ ?

୩. **ଆସ ତଳେଥିବା କୋଠରିରୁ ଶବ୍ଦ ନେଇ ଖାଲି କୋଠରୀକୁ ପୂରଣ କରିବା ।**

(କ) ଆନନ୍ଦରେ ତା'ର ____________ କଟିଲା ।

(ଖ) ସମସ୍ତେ ନିଜ ____________ ଚାଲିଗଲେ ।

(ଗ) ଦକ୍ଷିଣରେ ____________ ନଈ ବହିଯାଉଛି ।

(ଘ) ବୁଢ଼ା ବୟସରେ କେହି ____________ ହେଲେ ନାହିଁ ।

(ଙ) ପୁରୀରୁ ____________ ଆସିଲା ।

**ପାଇକା, ଦିନ, ସାହା, ଚାକିରୀକୁ, ମହାପ୍ରସାଦ**

୪. **ଆସ ତଳ ଶବ୍ଦକୁ ନେଇ ବାକ୍ୟ ଗଢ଼ିବା ।**

ବୁଦ୍ଧି ____________

କରାମତି ____________

ଧୁମ୍‌ଧାମ୍ ____________

ଅବସ୍ଥା ____________

୫. 'ସେବାଯତ୍ନ' ପରି ଆଉ ତିନୋଟି ଯୋଡ଼ା ଶବ୍ଦ ଲେଖ।

୬. ତଳ କୋଠରିରେ ଥିବା ଅକ୍ଷରଗୁଡ଼ିକୁ ନେଇ ଦୁଇ ଅକ୍ଷର, ତିନି ଅକ୍ଷର ଓ ଚାରି ଅକ୍ଷର ବିଶିଷ୍ଟ ଶବ୍ଦ ଗଢ଼ ଯପରି 'ମରତ'।

| | | | |
|---|---|---|---|
| ମ | ର | ବ | ସା |
| ତ | ହ | ନ | ଣା |
| ଗ | ବୋ | ତ | ସ |
| ଳ | ଲା | ଗ | ମ |
| ଜ | ଧୁ | ଧା | କା |

୭. ତଳେ ଦିଆଯାଇଥିବା ଶବ୍ଦର ବିପରୀତ ଶବ୍ଦ କ'ଣ ହେବ କୋଠରିରେ ଲେଖ।

| | | | |
|---|---|---|---|
| ପୂର୍ବ | | ପାପ | |
| ଆନନ୍ଦ | | ଜନମ | |
| ରାତି | | ଆଲୋକ | |

୮. ଏ ଗପରୁ ତୁମେ କି ନୀତି ଶିକ୍ଷା ପାଇଲ ପାଞ୍ଚ ଧାଡ଼ିରେ ଲେଖ।

୯

# ବୁଢ଼ୀ ଓ ପଣ୍ଡିତେ





ନଈ ଏ ପାରିରେ ବୁଢ଼ୀର ଘର
ଗୋପାଳ କୁଳରେ ଜନମ ତା'ର
କ୍ଷୀର ବିକିବାକୁ ଯାଏ ସେପାରି
ଘରେ ଘରେ ବୁଲି କରେ ବିକିରି
ଲାଜ, ସରମକୁ ନାହିଁ ଖାତିର । (୧)



ସେପାରେ ପଣ୍ଡିତ ଘରଦୁଆର
ନିତି ପଣ୍ଡିତଙ୍କୁ ଦିଏ ସେ କ୍ଷୀର
ଦିନେ ଦିନେ ଡ଼ଙ୍ଗା ଉଛୁର ହୁଏ
କ୍ଷୀର ଦେବା ଟିକେ ବିଳମ୍ବ ହୁଏ
ଧାଉଁ ଥାଏ ବୁଢ଼ୀ ଯେ ଖରତର । (୨)



ପଣ୍ଡିତେ କହିଲେ ଉଛୁର କିଆଁ
ବୁଢ଼ୀ କହିଲା ଯେ ଦୋଷ ତ ନାଆ
ଥଟ୍ଟାରେ କହିଲେ ଶୁଣ୍ ଏଥର
ହରି ଡାକୁଥିଲେ ହୋଇବୁ ପାର
ବୁଢ଼ୀ ତ ଘୋଷିଲା ହରିଙ୍କ ନାଆଁ । (୩)



ଡାକୁଥାଏ ଯିଏ ହରି ଓଁ ହରି
ଭବ ସାଗରରୁ ହୁଅଇ ପାରି
ଅତି ସାମାନ୍ୟ ତ ଆମ ଗାଁ ନଈ
ହୋଇପାରୁନାହୁଁ ପାରି ଲୋ ତୁହି
ସେ ଦିନୁ ଡାକିଲା ହରି ଯେ ହରି । (୪)



ଅନ୍ଧାରୁ ଆସିଲା ସେ ଖରତରେ
ଯୋଗାଇଲା କ୍ଷୀର ଆନନ୍ଦଭରେ
ପଚାରିଲେ, ବୁଢ଼ୀ ସଅଳ କିଆଁ
ଡଙ୍ଗା କି ଆଣୁଛି ସେ ନାଉରିଆ ?
ହଁ ଭରିଦେଲା ବୁଢ଼ୀ ଖୁସିରେ । (୫)

ସଫା ସଫା ବୁଢ଼ୀ କହି ତ ଦେଲା
ତୁମ ସୂତ୍ରେ ପାରି ହୁଏ ମୁଁ ଭଲା
ପଣ୍ଡିତେ ମୁଣ୍ଡରେ ହାତକୁ ଦେଲେ
ଧନ୍ୟ ପ୍ରଭୁ, ଧନ୍ୟ ବୁଢ଼ୀ ଲୋ ତୁରେ
ଗୁନ୍ଥାହେଲା କାମେ କଥାଟି ଭଲା । (୬)

## ଅଭ୍ୟାସ କାର୍ଯ୍ୟ

**ଆସ କେତେକ ନୂଆ ଶବ୍ଦକୁ ଜାଣିବା ।**

| | | | | |
|---|---|---|---|---|
| ଖରତର | ଖାତିର | ବିଳମ୍ବ | ପଣ୍ଡିତ | ଦୋଷ |
| ଥଟ୍ଟା | ସୂତ୍ରେ | ଘୋଷିବା | କୂଳ | ଉଚ୍ଛୁର |

## ଶିକ୍ଷକଙ୍କ ପାଇଁ କିଛି ସୂଚନା

- ଗୀତ ମାଧ୍ୟମରେ ପିଲାଙ୍କୁ ଆନନ୍ଦ ପ୍ରଦାନ କରିବେ ।
- ଗୀତକୁ ଆବୃତ୍ତି କରାଇବେ ।
- ମନଛୁଆଁ ଅଂଶକୁ ପିଲାଙ୍କୁ ପଚାରିବେ ।

## ଅଭ୍ୟାସ

୧. ଆସ ଆମେ ଜାଣିବା ।

(କ) ବୁଢ଼ୀର ଘର କେଉଁଠାରେ ?

(ଖ) କେଉଁ ନାମକୁ ବୁଢ଼ୀ ଜପାମାଳି କଲା ?

(ଗ) କାହିଁକି ସେ ପଣ୍ଡିତଙ୍କୁ କ୍ଷୀର ଦେବାକୁ ଉଚ୍ଛୁର କରେ ?

(ଘ) ପଣ୍ଡିତେ ଶେଷରେ କ'ଣ କହିଲେ ବୁଢ଼ୀକୁ ?

(ଙ) ଭବ ସାଗରରୁ ପାରି ହେବା ପାଇଁ କ'ଣ କରିବା ?

(ଚ) ନଈ କିପରି ସେ ପାରି ହେଉଥିଲା ?

୨. ମଝିରେ ଥିବା ନାମ ସହିତ କେଉଁ କେଉଁ ଚିତ୍ରର ମେଳ ଅଛି ଚିହ୍ନାଅ ।

ଡଙ୍ଗା    ବୁଢ଼ୀ    ଦହି ହାଣ୍ଡି    ପଣ୍ଡିତେ



୩. ଏହି ପଦର ଅର୍ଥ ବୁଝାଅ।

ଡାକୁଥାଏ ଯିଏ ହରି ଓଁ ହରି
ଭବ ସାଗରରୁ ହୁଅଇ ପାରି

୪. ତଳେ ଦିଆ ହୋଇଥିବା ଶବ୍ଦଗୁଡ଼ିକ ଲଗାଇ ଆସ ବାକ୍ୟ ଗଢ଼ିବା।

ଦୋଷ, ଥଙ୍ଗା, ସୂତ୍ର, ସାମାନ୍ୟ, ସାଗର, ଘରଦ୍ୱାର

୫. ପାଖ କୋଠରୀରୁ ଅର୍ଥ ବୁଝାଉଥିବା ଶବ୍ଦ ନେଇ ଖାଲି କୋଠରୀ ପୂରଣ କରିବା।

| | | | |
|---|---|---|---|
| ଖରତର | | ଗୋପାଳ | |
| ବିଳମ୍ବ | | ହରି | |
| ଆନନ୍ଦ | | ଭବ | |

ଶୀଘ୍ର, ସୁଖ, ଡେ଼ରି
ଦୁନିଆଁ, ଗଉଡ, ଭଗବାନ

୬. ତଳେ ଦିଆଯାଇଥିବା ଶବ୍ଦର ବିପରୀତ ଶବ୍ଦ କ'ଣ ହେବ ଲେଖ।

ମଙ୍ଗଳ ______

ଉଚ୍ଛୁର ______

ଅନ୍ଧାର ______

ଆନନ୍ଦ ______

୭. କବିତାଟିକୁ ପଢ଼ି ସେଥିରୁ କ'ଣ ଶିଖିଲ ୪ଟି ବାକ୍ୟରେ ଲେଖ।

୧୦

# କଟକ ସହର



କଟକ ଆମର ପ୍ରାଚୀନ ସହର । ଏହା ହଜାର ବର୍ଷର । ଏଠାରେ ବାରବାଟୀ ଦୁର୍ଗ ଅବସ୍ଥିତ । ଏଠି ମୁକୁନ୍ଦ ଦେବଙ୍କର ରାଜଧାନୀ ଥିଲା । ଦୁର୍ଗ ଭିତରକୁ ବାହାର ଶତ୍ରୁ ପଶି ପାରିବେ ନାହିଁ ବୋଲି ଗଡ଼ଖାଇଟିଏ ଅଛି ।

ଏହି ଦୁର୍ଗ ଭିତରେ 'ଗଡ଼ଚଣ୍ଡୀ'ଙ୍କ ମନ୍ଦିର ଶୋଭା ପାଉଛି । ଏହି ସହରର ଦୁଇ ପାଖରେ ମହାନଦୀ ଓ କାଠଯୋଡ଼ି ନଦୀ ବହି ଯାଉଛନ୍ତି । ନିକଟରେ ଚଣ୍ଡୀ ମନ୍ଦିର, କାଳୀ ମନ୍ଦିର ଓ ପଞ୍ଚମୁଖୀ ହନୁମାନ ମନ୍ଦିର ଅଛି ।

ବାରବାଟୀ ଷ୍ଟାଡ଼ିୟମ, ହାଇକୋର୍ଟ, ଗୁରୁଦ୍ୱାର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, ଆକାଶବାଣୀ, କଳାବିକାଶ କେନ୍ଦ୍ର, ଓ କାଠଯୋଡ଼ିବନ୍ଧ କୁନେଇ ଅଭିନବ କଟକ ରହିଛି ।

ମହାନଦୀ ପଠାରେ ଧବଳେଶ୍ୱର ମନ୍ଦିର ଶୋଭାପାଉଛି । ଶହ ଶହ ଭକ୍ତ ବଡ଼ଓଷା କରିବାକୁ ଯାଆନ୍ତି । ମହାନଦୀ କୂଳରେ ବାଲିଯାତ୍ରା ପଡ଼ିଆ ଅଛି । ଏହି ପଡ଼ିଆରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ ସାତଦିନ ପର୍ଯ୍ୟନ୍ତ 'ବାଲିଯାତ୍ରା' ମହା ସମାରୋହରେ ପାଳନ କରାଯାଏ ।

ବିଭିନ୍ନ ପ୍ରକାର ଖେଳ ବାରବାଟି ଷ୍ଟାଡ଼ିୟମରେ ହୁଏ । ଏହା ଭୈରବ ଚନ୍ଦ୍ର ମହାନ୍ତିଙ୍କ ଉଦ୍ୟମର ଫଳ । ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ସାହିତ୍ୟ ସଭା ହୁଏ । 'ସମାଜ' ଓ 'ପ୍ରଜାତନ୍ତ୍ର' ସହିତ ଅନ୍ୟ କେତେ ଛୋଟ, ବଡ଼ ପତ୍ର, ପତ୍ରିକା ଏଠାରୁ ପ୍ରକାଶିତ ହେଉଅଛି । ରୂପାର ତାରକସି କାମ ପାଇଁ କଟକ ପ୍ରସିଦ୍ଧ ।



କଟକ ସହର ଆମର ଗର୍ବ ଓ ଗୌରବର ପ୍ରତୀକ । ଏହି ସହରରେ ସବୁଠାରୁ ପ୍ରାଚୀନ ରେଭେନ୍ସା ସାହେବଙ୍କ ଦ୍ୱାରା ପ୍ରତିଷ୍ଠିତ 'ରେଭେନ୍ସା କଲେଜ' ଅଗଣିତ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାର ଆଲୋକ ପ୍ରଦାନ କରିଆସୁଅଛି । ବର୍ତ୍ତମାନ ତାହା ବିଶ୍ୱବିଦ୍ୟାଳୟକୁ ପରିବର୍ତ୍ତିତ ହୋଇଛି ।

ମହାନଦୀର କାଠକେନ୍ଦୁ ପରି ପାଣିରେ ବ୍ୟାରେଜ୍ ତିଆରି ହୋଇ ପାଣି ନିଷ୍କାସନ କରାଯାଉଛି । ମନ୍ଦିରମାଳିନୀ କଟକ ସହରକୁ ଦେଖିବାକୁ ବହୁ ଦର୍ଶକ ଆସିଥାଆନ୍ତି । ଏହା ବାଣିଜ୍ୟର କେନ୍ଦ୍ରବିନ୍ଦୁ । କଟକକୁ ସମସ୍ତଙ୍କର ଭାତହାଣ୍ଡି ବୋଲି କୁହାଯାଏ ।



ଏଠାରେ ଖ୍ୟାତନାମା କବି, ଲେଖକ, ଦାର୍ଶନିକ ଓ ରାଜନେତା ଜନ୍ମ ହୋଇଥିଲେ । ବିଶେଷକରି ଓଡ଼ିଆ ବଜାରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଜନ୍ମଗ୍ରହଣ କରିଥିଲେ । ସେ ଆମର ଚିର ନମସ୍ୟ । ରେଭେନ୍ସା କଲିଜିଏଟ୍ ସ୍କୁଲରେ ସେ ପଢ଼ିଥିଲେ । ଉଚ୍ଚ ନ୍ୟାୟାଳୟ, ରାଧାନାଥ ଟ୍ରେନିଂ ସ୍କୁଲ କଟକର ଅଙ୍ଗପରି । କଟକ ସହର ବାଉନ ବଜାର ତେପନ ଗଳିର ସହର । କଟକ ସହରକୁ ହଜାର ବର୍ଷର ସହର କୁହାଯାଏ । ସେଥିପାଇଁ କୁହାଯାଏ - "କଟକ ସହର, ବରଷ ହଜାର" ।

ଏହାର ବୁକୁରେ କୋଠାବାଡ଼ି, ଦୋକାନ ବଜାର, ବିଭିନ୍ନ କାର୍ଯ୍ୟାଳୟ, ପାଠାଗାର, ଖେଳପଡ଼ିଆ ଓ

ଦୂରଦର୍ଶନ କେନ୍ଦ୍ର ସମସ୍ତଙ୍କ ମନକୁ ଟାଣି ନେଇଯାଏ । କଟକ ସହରରୁ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା ଓ ବିଭିନ୍ନ ଯାଗାକୁ ଗମନାଗମନର ସୁବିଧା ରହିଛି ।

ଏହା ଗୋଟିଏ ଅଭୁଲା ସହର । ଥରେ ଦେଖିଲେ ବହୁବାର ଦେଖିବାକୁ ମନ ହୁଏ । ଯେତେ ଦେଖିଲେ ବି ଛାଡ଼ି ଆସିବାକୁ ମନ ହୁଏ ନାହିଁ । ସବୁବେଳେ ଏଠାରେ ଜନଗହଳି ଲାଗିଥାଏ ।

ଏପରି ସହର ଓଡ଼ିଶାରେ ବିରଳ । ଏହା ଓଡ଼ିଶାର ମୁଖ୍ୟ ସହରରେ ପରିଣତ ହୋଇଛି । ଭୁବନେଶ୍ୱର ଓ କଟକ ଦୁଇଟିଯାକ ଯାଆଁଳା ସହର ହେବାର ପରିକଳ୍ପନା କରାଯାଇଛି । ନାନା ପ୍ରକାର ପାର୍କ ମଧ୍ୟ ଏହି ସହରର ସୌନ୍ଦର୍ଯ୍ୟକୁ ବଢ଼ାଉଛନ୍ତି । ଏହାର ପରିବେଶ ଅତ୍ୟନ୍ତ ମନୋରମ । କଟକ ସହର ଓଡ଼ିଶାର ଅତୀତ ଗୌରବର ମୂକସାକ୍ଷୀ ରୂପେ ଦଣ୍ଡାୟମାନ ।

## ଅଭ୍ୟାସ କାର୍ଯ୍ୟ

**ଆସ ନୂଆ ନୂଆ ଶବ୍ଦ ଶିଖିବା ।**

| | | | | |
|---|---|---|---|---|
| ପୂର୍ଣ୍ଣିମା | ମନୋରମ | ପରିକଳ୍ପନା | ବାଲିଯାତ୍ରା | କାଟକେନ୍ଦୁ |
| ଖ୍ୟାତନାମା | ଗୌରବ | ମୂକସାକ୍ଷୀ | ଗଡ଼ଖାଇ | ଐତିହ୍ୟ |

### ଶିକ୍ଷକଙ୍କ ପାଇଁ କିଛି ସୂଚନା

- କେତେକ ଜିଲ୍ଲା ଓ ସହର ବିଷୟରେ ଜଣାଇବା ।
- ଓଡ଼ିଶାର ପ୍ରମୁଖ ସହର ବିଷୟରେ ଜଣାଇବା ।
- କଟକ ସହରର ଐତିହ୍ୟ ପିଲାମାନଙ୍କ ଆଗରେ ବଖାଣିବା ।

## ଅଭ୍ୟାସ

୧. ଆସ ନିଜ ଭିତରେ କଥାବାର୍ତ୍ତା ହେବା ।

(କ) ଆମର ପ୍ରାଚୀନ ସହର କିଏ ?

(ଖ) ଏହି ସହରରେ କ'ଣ କ'ଣ ରହିଛି ?

(ଗ) 'ବାଲିଯାତ୍ରା' କେଉଁ ନଈ କୂଳରେ ହୋଇଥାଏ ?

(ଘ) କଟକ ସହର ପ୍ରସିଦ୍ଧ କାହିଁକି ?

(ଙ) ଓଡ଼ିଶାର ଯାଆଁଳା ସହର ଭାବେ କେଉଁ ଦୁଇ ସହର ପରିଚିତ ?

(ଚ) ଏହି ସହରରେ କେଉଁ କେଉଁ ନେତାମାନେ ଜନ୍ମ ନେଇଛନ୍ତି ?

୨. ଏଗୁଡ଼ିକର ଅର୍ଥ ପାଖ କୋଠରୀରୁ ଖୋଜି ତା' ପାଖରେ ଲେଖିବା।

(କ) ଗମନାଗମନ ________________

(ଖ) ପୂର୍ଣ୍ଣିମା ________________

(ଗ) ଉଦ୍ୟମ ________________

(ଘ) ଅଗଣିତ ________________

ଚେଷ୍ଟା, ପୂନେଇଁ, ଗଣିହେଉନଥିବା, ଯିବାଆସିବା

୩. ମଝିରେ ଥିବା ନାମରୁ କେଉଁ ଚିତ୍ର ସହ ମେଳ ଅଛି ଗାରଟାଣି ଦେଖାଅ।







ନେତାଜୀ

ହାଇକୋର୍ଟ

ଷ୍ଟାଡିୟମ୍

ରେଭେନ୍ସା କଲେଜ

ମହାନଦୀ

ବାଲିଯାତ୍ରା







୪. ଆସ, ତଳ ଶବ୍ଦକୁ ନେଇ ଗୋଟିଏ ଗୋଟିଏ ବାକ୍ୟ ଗଢ଼ିବା।

ତାରକସି, ସାକ୍ଷୀ, ପରିକଳ୍ପନା, ମୁଖ୍ୟ, ମନୋରମ, ବିରଳ, ନମସ୍ୟ।

୫. 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭରେ ଥିବା ଶବ୍ଦର ମେଳ ଦେଖାଅ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମନ୍ଦିର | ଛାତ୍ରୀ |
| ତାରକସି | ମାଳିନୀ |
| ଛାତ୍ର | ସାକ୍ଷୀ |
| ମୁକ | ହାଣ୍ଡି |
| ଭାତ | କାମ |
| ବଡ଼ | ଓଷା |

୬. 'କଟକ ସହର, ବରଷ ହଜାର' - ଏ ବାକ୍ୟର ଅର୍ଥ ୪ ଧାଡ଼ିରେ ଲେଖ।

୭. କଟକ ସହର ସମ୍ବନ୍ଧରେ ତଳେ କେତୋଟି ଶବ୍ଦର ସୂଚନା ଦିଆଗଲା। ତାକୁ ନେଇ ପାଞ୍ଚୋଟି ଧାଡ଼ିରେ ଲେଖ।

ଦୁର୍ଗ, ପାର୍କ, ଗଡ଼ଖାଇ, ବାଲିଯାତ୍ରା, ବ୍ୟାରେଜ୍, କଲେଜ, ଷ୍ଟାଡ଼ିୟମ

# ୧୧ ଦୁଇ ମାଆର କଳି



ଗଙ୍ଗା ନଈ କୂଳରେ ''ବେଲେଶ୍ୱର'' ଶିବମନ୍ଦିର ଅଛି । ଏହି ''ବେଲେଶ୍ୱର'' ମହାଦେବଙ୍କୁ ଯିଏ ଯାହା ମାଗେ, ସେ ତାହା ପାଏ । ସବୁଦିନେ 'କୁନ୍ତୀଦେବୀ' ଓ 'ଗାନ୍ଧାରୀ' ରାତି ପହରେ ଥାଇ ମହାଦେବ ମନ୍ଦିର ଯାଆନ୍ତି ।

ଗାନ୍ଧାରୀ ସୁନା ଚମ୍ପାରେ ପୂଜା କରନ୍ତି । କିନ୍ତୁ ତାଙ୍କ ଆଗରୁ କୁନ୍ତୀ ପୂଜା କରୁଥିବାର ସେ ଜାଣିବାକୁ ପାଇଲେ । ଥରେ କୁନ୍ତୀ ପୂଜା କରୁ କରୁ ସକାଳ ହେଲା । ଗାନ୍ଧାରୀ ପୂଜା କରିବାକୁ ଆସିଲେ । ଏଣୁ ଦୁଇଜଣଙ୍କ ଭିତରେ କଳି ହେଲା ।

ଶିବ ବ୍ରାହ୍ମଣ ବେଶରେ ଉଭା ହୋଇ କହିଲେ, 'ଆସନ୍ତା କାଲି ସକାଳୁ ଯିଏ ଆଗ ଆସି ହଜାରେ ସୁନା ଚମ୍ପା ଚଢ଼େଇବ, ଠାକୁର ହେବେ ତା'ର । ତା'ର ପୂଜା କରିବାର ଅଧିକାର ରହିବ । ଏତିକିରେ ସେଦିନ କଳି ତୁଟିଲା ।''

କୁନ୍ତୀ ମନ ଦୁଃଖରେ ଫେରିଲେ । ସୁନାଚମ୍ପା କେଉଁଠୁ ପାଇବେ । ଗାନ୍ଧାରୀ ରାଜମାତା । ରାଜ କୋଷରୁ ସୁନାଚମ୍ପା କାଲି ସକାଳୁ ନେଇପାରିବେ । କୁନ୍ତୀଙ୍କର ପୂଜା କରିବାର ଅଧିକାର ରହିବ ନାହିଁ ।

ଦୁଃଖରେ ବସିଥାନ୍ତି । ପାଞ୍ଚ ଭାଇ ମନ ଦୁଃଖର କାରଣ ମା'ଙ୍କୁ ପଚାରିଲେ । ଏତିକିବେଳେ ଅର୍ଜୁନ ପହଞ୍ଚିଲେ, କହିଲେ- ''ମାଆ ! ଦୁଃଖ କରନା । ମୁଁ ହଜାରେ ସୁନାଚମ୍ପା ଦେବି । ଚାହିଁଲେ ସୁନାଚମ୍ପାରେ ଦେଉଳକୁ ଘୋଡ଼େଇ ଦେବି''।

ରାତିରେ ତାଙ୍କୁ ନିଦନଥାଏ । ରାତି ପାହିବାକୁ ପହରେ ବାକି ଥାଏ । କୁନ୍ତୀ ନିତ୍ୟକର୍ମ ସାରିଲେ । ପୂଜାବେଳ ଗଡ଼ିଯିବ ଭାବି ପ୍ରସ୍ତୁତ ହେଲେ ପୂଜା ପାଇଁ । ଅର୍ଜୁନ ମନଭେଦୀଶର ଇନ୍ଦ୍ରଙ୍କ ପାଖକୁ ପଠାଇଲେ । ଇନ୍ଦ୍ରଙ୍କ ଆଗରେ ଶର ପଡ଼ିଲା । କୁବେରଙ୍କୁ ଡାକି ବେଲେଶ୍ୱର ମନ୍ଦିର ଉପରେ ସୁନା ଚମ୍ପା କୁଢ଼େଇ ଦେବାକୁ କହିଲେ । ତାଙ୍କ ଆଦେଶରେ ସୁନା ଚମ୍ପା ଶିବ ମନ୍ଦିର ଉପରେ କୁଢ଼େଇବାରୁ ବେଢ଼ା, ଦେଉଳ ଓ ଗମ୍ଭୀରା ସବୁ ବୋଝେଇ ହେଇଗଲା । ଶିବ ତୋଷ ହୋଇ "କୁନ୍ତୀଙ୍କ ପୁଅ ରାଜା ହେଉ" ବୋଲି ବର ଦେଲେ ।

ରାତିପାହିଲା । ଗାନ୍ଧାରୀ ସୁନାଚମ୍ପା ନେଇ ମନ୍ଦିର ଗଲେ । ଭାବିଲେ ଆଜି କୁନ୍ତୀର ଦମ୍ଭ ଭାଙ୍ଗିବ । ମନ ଗର୍ବରେ ଫାଟିପଡୁଥାଏ । ତାଙ୍କର କେବଳ ଶିବ ପୂଜାରେ ଅଧିକାର ରହିବ । ଯେତେବେଳେ ମନ୍ଦିର ପାଖକୁ ଗଲେ, କେଉଁଠି ଟିକିଏ ଫାଙ୍କା ଜାଗା ଦେଖିଲେ ନାହିଁ । ପୂଜା କରିବେ କ'ଣ ? ଦୁଃଖରେ ଭାଙ୍ଗିପଡ଼ିଲେ । ଲାଜରେ ଫେରିଲେ । ତାଙ୍କର ଗର୍ବ ଚୂନା ହେଲା । ଶହେ ପୁଅର ମାଆ ରାଜରାଣୀ ହୋଇ ଯେଉଁ ଗର୍ବ କରୁଥିଲେ ତାହା ଧୂଳିସାତ୍ ହୋଇଗଲା । ଧନର ଗର୍ବ ମଣିଷକୁ ଦେବତା ପାଖରୁ ଦୂରେଇ ଦିଏ । ଯିଏ ଭକ୍ତିରେ ଡାକେ, ଦେବତା ତା'ର ଡାକ ଶୁଣନ୍ତି । ଗର୍ବ କାହାର ରହେନାହିଁ ।

କୁନ୍ତୀଦେବୀଙ୍କର ଭକ୍ତି ଫଳରେ ଶିବ ବର ପ୍ରଦାନ କଲେ ।

## ଅଭ୍ୟାସ କାର୍ଯ୍ୟ

**ଆସ ନୂଆ ଶବ୍ଦଗୁଡ଼ିକୁ ଜାଣିବା ଓ ମନେରଖିବା ।**

| | | | |
|---|---|---|---|
| ଉଭା | ନିତ୍ୟକର୍ମ | ରାଜରାଣୀ | ଭକ୍ତି |
| ବେଶ | ଗର୍ବ | ମନଭେଦୀ | ବେଢ଼ା |
| ପୂଜା | ଦମ୍ଭ | ଅଧିକାର | ଗମ୍ଭୀରା |

### ଶିକ୍ଷକଙ୍କ ପାଇଁ କିଛି ସୂଚନା

- ପୁରାଣ ବିଷୟରେ ସୂଚନା ଦେବା ।
- ମହାଭାରତ କଥା ବସ୍ତୁ ଉପରେ ଗପ ମାଧ୍ୟମରେ ବୁଝାଇବା ।
- ଦେବ ମନ୍ଦିର, ପୂଜାପାଠ ବିଷୟରେ ପିଲାଙ୍କୁ ଧର୍ମ ମାର୍ଗକୁ ଆଣିବା ।

# ଅଭ୍ୟାସ

୧. **ବହିରୁ ଉତ୍ତର ଖୋଜି ଲେଖ -**

(କ) ଗଙ୍ଗା ନଈ କୂଳରେ କେଉଁ ମନ୍ଦିର ଅଛି ?

(ଖ) ମନ୍ଦିରକୁ କେଉଁମାନେ ପୂଜା କରିବାକୁ ଯାଆନ୍ତି ?

(ଗ) ଦୁଇଜଣଙ୍କ ମଧ୍ୟରେ କଳି ହେଲା କାହିଁକି ?

(ଘ) ଦୁଇମାଆଙ୍କୁ ଶିବ କ'ଣ କହିଲେ ?

(ଙ) ଅର୍ଜୁନ ମନଭେଦୀ ଶର କାହିଁକି ପଠାଇଲେ ?

(ଚ) ଗାନ୍ଧାରୀର ଗର୍ବ କିପରି ଭାଙ୍ଗିଲା ?

୨. **ଗରବରୁ ଯେପରି 'ଗର୍ବ' ହୋଇଛି, ତଳେ ଦିଆଯାଇଥିବା ଶବ୍ଦର ଗଦ୍ୟ ରୂପ କ'ଣ ହେବ ଲେଖ।**

| | | | |
|---|---|---|---|
| ପରବ | ____________ | ମରମ | ____________ |
| ମରତ | ____________ | ସରଜନା | ____________ |
| ଗଉରବ | ____________ | ସମରାଟ | ____________ |

୩. **'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ଶବ୍ଦ ଯୋଡ଼ିବା।**

| 'କ' | 'ଖ' |
|---|---|
| ସୁନା | ଭାଇ |
| ପାଞ୍ଚ | କର୍ମ |
| ନିତ୍ୟ | ପୁଅ |
| ଶରୀର | ପୂଜା |
| ଶିବ | ଚମ୍ପା |

୪. **ଆସ ତଳେ ଦିଆଯାଇଥିବା ଶବ୍ଦକୁ ଲଗାଇ ବାକ୍ୟ ଗଢ଼ିବା।**

**ମନଭେଦୀ, ପ୍ରଦାନ, ଆଶ୍ଚର୍ଯ୍ୟ, କଳି, ରାଜରାଣୀ**

୫. ତଳେ ଦିଆଯାଇଥିବା ବାକ୍ୟ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଶିବ ବ୍ରାହ୍ମଣ ବେଶରେ ଉଭା ହୋଇ କହିଲେ, "ଆସନ୍ତାକାଲି ସକାଳୁ ଯିଏ ଆଗ ଆସି ହଜାରେ ସୁନାଚମ୍ପା ଚଢ଼େଇବ, ଠାକୁର ହେବେ ତା'ର । ତା'ର ପୂଜା କରିବାର ଅଧିକାର ରହିବ ।" ଏତିକିରେ ସେଦିନ କଳି ତୁଟିଲା ।

(କ) ଶିବ କେଉଁ ବେଶରେ ଆସିଲେ ?

(ଖ) ଠାକୁର ନିଜର ହେବା ପାଇଁ କ'ଣ କରିବାକୁ ହେବ ବୋଲି କହିଲେ ?

(ଗ) ସେଦିନ କଳି ତୁଟିଲା କିପରି ?

୬. ଏ ଚିତ୍ରକୁ ଦେଖି ସୁନାଚମ୍ପା, ମହାଦେବ ପୂଜା, ଦୁଇମାଆଙ୍କ କଳି, ବ୍ରାହ୍ମଣ ବେଶ, ଗର୍ବ ଭାଙ୍ଗିଲା ଶବ୍ଦଗୁଡ଼ିକୁ ନେଇ ୪ ଧାଡ଼ିରେ ଲେଖ ।









୭. ଏହି ଗପରୁ ତୁମେ କି ନୀତି ଶିକ୍ଷା ପାଇଲ ନିଜ ମନରୁ ଲେଖ ।

୧୨

# ମାଟି





ମାଟି ଆମର ମାଆଟି
ଭଲ କରିବା ନାଁ ରଖିବା
ହସିବ ଜନ୍ମ ମାଟି ।
କୁମ୍ଭାର ଘରର ବୋହୂ
ଝାଟିକି ନଗଲେ ମାଟିକି ଯାଉ
ମାଟିରେ ହାଣ୍ଡି, ପଲମ କାତର
ହାଟ, ବଜାରେ ବିକିରୀ କରେ
ସେ କୁଳ ବେଉସାଟି । ୧ ।





ମାଟିରେ ଚାଷୀ ଫସଲ କରେ
ଯୋଗାଏ ଦାନା ଆମ ପାଇଁରେ
ମଣିଷ ଏଠି ଜନମ ନିଏ
ମାଟିରେ ମରି ଶେଷ ଯେ ହୁଏ
କୋଳେଇ ନିଏ ମାଆଟି । ୨ ।







କେତେ ଦଡ଼ମସି ସହୁଚି ସିଏ
"ନାହିଁ" ବୋଲିବା ନାହିଁ ତା ମୁହେଁ
ସର୍ବସହଣୀ ମାଆ ଆମର
ପାଳଇ କରି କେତେ ଆଦର
ହସ, ହସ ତା' ମୁହଁଟି । ୩ ।



ଚିତ୍ରକରର ହାତ ବାଜିଲେ
ମୂର୍ତ୍ତି ଦିଶେ ସୁନ୍ଦର ଭଲେ
ଦେଖିଲେ ନେତ୍ର ଠାକି ତ ଯାଏ
ମାଟିରେ ଗଢ଼ା ହୋଇଛି ସିଏ
ଧନ୍ୟ ସେ ଚିତ୍ରକରଟି । ୪ ।



କବିତା ଲେଖେ ମାଟିର କବି
ଦେଖାଏ ତା'ର ଅଭୁଲା ଛବି
ପେଟ ପୂରଇ ଥରେ ଦେଖିଲେ
ନମିବା ମାଟି ପାଦଯୁଗଳେ
ରଖିବା ତା'ର ନାଆଁଟି । ୫ ।

## ଅଭ୍ୟାସ କାର୍ଯ୍ୟ

**ଆସ ନୂଆ ଶବ୍ଦକୁ ଜାଣିବା ।**

| | | | |
|---|---|---|---|
| ବେଉସା | ଦଉମଡି | ସର୍ବସହଣୀ | ନେତ୍ର |
| ଯୁଗଳ | ଅଭୁଲା | ଚିତ୍ରକର | ଜମିବା |

### ଶିକ୍ଷକଙ୍କ ପାଇଁ କିଛି ସୂଚନା

- ମାଟି ବିଷୟରେ ସୂଚନା ଦେବା ।
- ମାଆ ପରି ମାଟି ଆମକୁ କି ସାହାଯ୍ୟ କରୁଛି ଜଣାଇବା ।
- କିଏ ମାଟିରୁ କ'ଣ ଆମକୁ ଦେଉଛନ୍ତି ସୂଚନା ଦିଅ ।

## ଅଭ୍ୟାସ

୧. **ଆସ, ବସି ଆଲୋଚନା କରିବା ।**

(କ) ଆମକୁ ଆଦର କରି କିଏ ପାଳେ ?

(ଖ) ଚାଷୀ କ'ଣ କରି ଯୋଗାଏ ?

(ଗ) ସର୍ବସହଣୀ କିଏ ?

(ଘ) ମାଟିର କବି କ'ଣ କରେ ?

(ଙ) ମାଟିରେ କୁମ୍ଭାର କ'ଣ କରେ ?

(ଚ) ଚିତ୍ରକର କାହିଁକି ଧନ୍ୟ ହୋଇଛି ?

୨. ଆସ ପଦ୍ୟ ରୂପରେ ଗଦ୍ୟରେ ପ୍ରକାଶ କରି ଖାଲି କୋଠରୀରେ ଲେଖିବା ।

| ପଦ୍ୟ ରୂପରେ | ଗଦ୍ୟ ରୂପରେ |
|---|---|
| ଜନମ | |
| ସରବ | |
| ଭକତି | |
| ଚିତର | |
| ଛତର | |

୩. ଆସ ତଳେ ଦିଆଯାଇଥିବା ଶବ୍ଦକୁ ଲଗାଇ ବାକ୍ୟ ଗଢ଼ିବା ।

ଦଉମଡି, ଆଦର, ଅଭୁଲା, ଯୁଗଳ, ସର୍ବସହଣୀ, ନେତ୍ର, ବୋହୂ

୪. ତଳେ ଦିଆଯାଇଥିବା ନାଁ ସହ କେଉଁ ଚିତ୍ରର ସଂପର୍କ ଅଛି ଲେଖ ।







ଜାତୀୟ ପତାକା

କୁମ୍ଭାର

ଚିତ୍ରକର

ହାଣ୍ଡିମାଠିଆ

ସରସ୍ୱତୀ

ଚାଷୀ







୫. "କୁମ୍ଭାର ଘର ବୋହୂ - ଝାଟିକି ନଗଲେ ମାଟିକି ଯାଉ" - ଏକଥା କାହିଁକି କୁହାଯାଇଛି ଲେଖ (୨ଟି ବାକ୍ୟରେ)।

୬. ଏହାକୁ ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖ।

'କବିତା ଲେଖେ ମାଟିର କବି
ଦେଖାଏ ତା'ର ଅଭୁଲା ଛବି'

(କ) କିଏ କବିତା ଲେଖେ ?

(ଖ) କିଏ ଅଭୁଲା ଛବି ଆଙ୍କେ ?

୭. (କ) ତୁମେ ନିଜେ କିଛି ସୁନ୍ଦର ଛବି ଆଙ୍କ।

(ଖ) ତୁମେ ମନରୁ ଛୋଟ ଛୋଟ କବିତା ଲେଖ।

(ଗ) 'ମାଟି' ସଂପର୍କିତ ଅନ୍ୟ କବିତା ସଂଗ୍ରହ କର।

୧୩

# ସୂର୍ଯ୍ୟ ମନ୍ଦିର



(ରାଜ ଦରବାରରେ ରାଜା, ମନ୍ତ୍ରୀ, ସଭାସଦ୍‌ଗଣ ଉପସ୍ଥିତ । ସଭାରେ ସୂର୍ଯ୍ୟ ମନ୍ଦିର ତିଆରି ପାଇଁ ଆଲୋଚନା ।)

ନରସିଂହ ଦେବ: ସଭାସଦ୍‌ଗଣ, ଆଜି ମୋର ଘୋଷଣା ଯେ, ସମୁଦ୍ର କୂଳରେ ସୂର୍ଯ୍ୟ ଉପାସନା ନିମନ୍ତେ ଗୋଟିଏ ମନ୍ଦିର ନିର୍ମାଣ ହେବ । ମହାମନ୍ତ୍ରୀ, ତୁମେ ରାଜ୍ୟର କାରିଗରମାନଙ୍କୁ ଜଣାଇ ଦିଅ ।

ମନ୍ତ୍ରୀ: ଆଜ୍ଞା !

ରାଜା: କେତେ ବର୍ଷ ଲାଗିବ, କେତେ ଅର୍ଥ ଖର୍ଚ୍ଚ ହେବ, ଅଟକଳ କର ।

ମନ୍ତ୍ରୀ: ଆପଣ ଯେତେବେଳେ ଓଡ଼ିଶାର ଗଜପତି, ଆପଣଙ୍କର ଅକ୍ଷୟ କୀର୍ତ୍ତି କାଳକାଳକୁ ରହୁ ।

ରାଜା: ମୁଁ ମଧ୍ୟ ସେଇଆ ଚାହେଁ । ଏପରି ମନ୍ଦିର ହେବ, ଯେପରିକି ପୃଥିବୀର ଲୋକମାନଙ୍କୁ ଆଶ୍ଚର୍ଯ୍ୟ କରିଦେବ ।

ମହାମନ୍ତ୍ରୀ: ସେନାପତି, ତୁମେ କାରିଗରମାନଙ୍କୁ ଡକାଇ ଆଣ ।

ସେନାପତି: ଆଜ୍ଞା ଯାଉଛି । (ରାଜାଙ୍କର ଦରବାରରେ ବିଶୁର ପ୍ରବେଶ । ରାଜା ସିଂହାସନରେ ବସିଛନ୍ତି) ।

ମନ୍ତ୍ରୀ: ଇଏ କିଏ ?

ସେନାପତି: ଇଏ ହେଉଛନ୍ତି ବିଶୁ ମହାରଣା ।

ବିଶୁ: ମଣିମା, ହଜୁର ଆଜ୍ଞା । ଯେତେ କାରିଗର ଲାଗିବେ ମୁଁ ଆଣିବି ?

ରାଜା: ବିଶୁ, ତୁମର କଳାର କାରୁକାର୍ଯ୍ୟ ଦେଖିଲେ ଓଡ଼ିଶା ତଥା ଦେଶ ବିଦେଶର ଲୋକେ ଯେପରି ଚକିତ ହୋଇଯିବେ । ଏହା ହେବ ତୁମର ଅକ୍ଷୟ କୀର୍ତ୍ତି । ତୁମେ ବିଶିଷ୍ଟ କାରିଗରମାନଙ୍କୁ ଆଣ ।

ମନ୍ତ୍ରୀ: ରାଜକୋଷରୁ ଅର୍ଥ ଯୋଗାଉଛି । ଯାହା ଲାଗିବ ସେଥିପାଇଁ ଚିନ୍ତା କର ନାହିଁ ।

(ମନ୍ଦିର ତିଆରି କାମ ବାରବର୍ଷ ହେଲା ଚାଲିଥାଏ । ମନ୍ଦିର ତୋଳା କାର୍ଯ୍ୟ ଶେଷ ହେଲେ ମଧ ଦଧିନଉତି ଲଗାଇବା କାମ ସମାପ୍ତ ହୋଇପାରୁ ନଥାଏ । କାରିଗରମାନେ ଚେଷ୍ଟା କରି ବାରମ୍ବାର ବିଫଳ ହେଉଥାନ୍ତି ।)

ବିଶୁ: ଭାଇମାନେ, ତୁମେ ଲାଗିଛ ମନ୍ଦିର କାମରେ । ଆଜକୁ ୧୨ ବର୍ଷ ହେଲା ତୁମର ଅକ୍ଳାନ୍ତ ପରିଶ୍ରମ ଓଡ଼ିଶା ମନେରଖିବ ।

(ବୁଢ଼ୀ ଘରକୁ ବିଶୁ ମହାରଣା ଯାଇ କଥାବାର୍ତ୍ତା କରୁଥାଏ)

ବୁଢ଼ୀ: ଆରେ ପୁଅ! କେତେ ବଡ଼ ମନ୍ଦିର ତୋଳୁଛୁ? ଧନ୍ୟ ତୋର କରାମତି । କେତେବର୍ଷ ହେଲାଣି କାମ ଲାଗିଛି ସରୁନାହିଁ ?

ବିଶୁ: ମାଉସୀ ବାରବର୍ଷ ହେଲା, ବାରଶହ ବଢ଼େଇ କାମ କରୁଛନ୍ତି । ଇଏ କ'ଣ ଛୋଟିଆ ମନ୍ଦିର ?

ବୁଢ଼ୀ: ଏଠି କେଉଁ ଠାକୁର ପୂଜା ପାଇବେ ?

(ରାଜାଙ୍କର ପ୍ରବେଶ)

ରାଜା: ବୁଢ଼ୀ ! ଏଠାରେ ସୂର୍ଯ୍ୟ ଦେବତାଙ୍କ ମନ୍ଦିର ହେଉଛି । ସୂର୍ଯ୍ୟ ପୂଜା ପାଇବେ ।

ବୁଢ଼ୀ: ମଣିମା, ମୋର ଭୁଲ୍ ହୋଇଗଲା । ମୁଁ ଚିହ୍ନିପାରିଲି ନାହିଁ ଆପଣଙ୍କୁ ।

ରାଜା: ଆରେ ନାଁ ନାଁ ଏସବୁ ତ ତୁମର । ଓଡ଼ିଶାର । ମୁଁ କେବଳ ନାମକୁ ମାତ୍ର ।

| | |
|---|---|
| ରାଜା: | ବିଶୁ, ଏ ମନ୍ଦିର ପାଇଁ ଅନେକ ଅର୍ଥ ଖର୍ଚ୍ଚ ସରିଲାଣି । ଶୀଘ୍ର ଦଧିନଉତି ଲଗାଇ ଦିଅ, ଯଦି ଆଜି ନଲଗାଅ ତେବେ ରାତି ପାହିଲେ ବାରଶହ ବଢ଼େଇଙ୍କର ମୁଣ୍ଡ କାଟ୍ ହେବ । |
| ବିଶୁ: | ଯଥା ଆଜ୍ଞା ମହାରାଜ । ଭାଇମାନେ, ସମସ୍ତେ ଶୁଣ । ରାଜାଙ୍କର ଆଦେଶ, ଦେଉଳ ମୁଣ୍ଡି ଆଜି ନମାରିଲେ କାଲି ସମସ୍ତଙ୍କର ମୁଣ୍ଡ କାଟ ହେବ । |
| | (ଏହି ସମୟରେ ଧରମା ବାରି ବରକୋଳି ଧରି ବାପାଙ୍କୁ ଚିହ୍ନିବା ପାଇଁ ପ୍ରବେଶ ହୋଇଛି ।) |
| ଧରମା: | ଭାଇମାନେ ବିଶୁ ମହାରଣା କିଏ ? |
| ୧ମ ବଢ଼େଇ: | ତୋ ଘର କେଉଁଠି ? ତୁ ତାଙ୍କର କିଏ ? |
| ଧରମା: | ସେ ମୋର ବାପା । |
| ୨ୟ ବଢ଼େଇ: | ସେଠାରେ ବିଶୁ ବସିଛନ୍ତି । |
| ଧରମା: | ବାପା, ମୋର ପ୍ରଣାମ ଘେନ । ମୋ ନାଁ ଧରମା । ବୋଉ ତୁମକୁ ଚିହ୍ନିବା ପାଇଁ ବାରି ବରକୋଳି ଦେଇଛି । ତୁମର କ'ଣ ହେଇଛି ବାପା ? କାହିଁକି ମନଦୁଃଖ କରିଛ ? |
| ବିଶୁ: | ତୋର ମୁଣ୍ଡରେ ପଶିବ ନାହିଁରେ ପୁଅ । ତୋତେ ଦେଖି ଆଖିରୁ ଲୁହ ବୋହି ଯାଉଛିରେ । ତୁ ମୋର କୁଳମଣି । ତତେ ଟିକେ ଦେଖିବି ବୋଲି ମୋର ଭରସା ନଥିଲା । |
| ଧରମା: | ବାପା, ତୁମର କ'ଣ ହେଇଛି ? |
| ବିଶୁ: | ଦେଉଳ ମୁଣ୍ଡି ମାରିପାରୁନି । ବାରଶହ ବଢ଼େଇ ଥକି ଗଲୁଣି । ଦଧିନଉତି ବସି ନପାରିଲେ ରାତି ପାହିଲେ ସମସ୍ତଙ୍କ ମୁଣ୍ଡକାଟ ହେବ । |
| ଧରମା: | ତମେ ଚିନ୍ତା କରନାହିଁ । ମୁଁ ତୁମର ପୁଅ । ତୁମର ପୋଥି ପଢ଼ି ମୁଁ ସବୁ ଶିଳ୍ପୀ କାମ ଜାଣିଛି । |
| ବିଶୁ: | ତୁ ଏତେ ବଡ଼ ମନ୍ଦିରର ଦଧିନଉତି ବସେଇଦେବୁ ? ଆରେ, ତୁ ବସେଇଲେ ଆମ ମୁହଁରେ ଚୂନକଳା ଲାଗିଯିବ । |
| ୧ମ ବଢ଼େଇ: | ଆରେ ବିଶୁ ଭାଇ, ଏ ପିଲା କିଏ ? ସେ କ'ଣ କହୁଛି । |

ବିଶୁ: ଆରେ, ସେ ମୋର ପୁଅ । ସେ କହୁଛି ଦଧିନଉତି ଆଜି ରାତିକ ଭିତରେ ବସେଇଦେବ । ଚିନ୍ତା କ'ଣ ?

ବିଶୁ: ଧରମା, ତୁ ମୋର ରଙ୍କର ଧନ, ତତେ ମୁଁ, ପାଖରୁ ଛାଡ଼ିବାକୁ ଚାହୁଁନାହିଁ ।

ଧରମା: ବାପା ମୋତେ ଛାଡ଼ । ଭାଇମାନେ, ମୁଁ ଦଧିନଉତି ବସେଇ ଦେଉଛି ।

(ଧରମା ଦଧିନଉତି ବସେଇବା ପାଇଁ ଦେଉଳକୁ ଚଢ଼ିଲା, କେତେ ସମୟ କାମ କରିବା ପରେ ଦଧିନଉତି ବସେଇବାରେ ସଫଳ ହେଲା)

ବଢ଼େଇମାନେ: ଆରେ ଦେଖରେ, ଧରମା ଦଧିନଉତି ବସେଇ ଦେଲା ।

ବିଶୁ: ସକାଳେ ସମସ୍ତଙ୍କର ମୁହଁରେ ଚୂନକଳା ଲାଗିବ । କାରଣ, ଟିକି ପିଲାଟି ଦଧିନଉତି ବସାଇ ଦେଲା, ତମେ କ'ଣ କରୁଥିଲ ? ଆମର ମହତ ରହିବ ନାହିଁ ।

ଧରମା: ଭାଇମାନେ ଦୁଃଖ କରନା, ମୁଁ ମୋର ଜାତି ପାଇଁ କାମ କରିଛି । ଦରକାର ପଡ଼ିଲେ ଜୀବନ ଦେବି ।

ବିଶୁ: ବାରବର୍ଷର ବାଳୁତ ପିଲା, ତୋର ଜାତି ପାଇଁ ଏତେ ଦରଦ ?

ବଢ଼େଇମାନେ: ବିଶୁ, ତୁ ପୁଅର ଦାୟ ନା ବାରଶହ ବଢ଼େଇର ଦାୟ ?

ଧରମା: ବାପା, ତୁମେ ଚିନ୍ତା କରନା, ମୋର ଶିଳ୍ପୀକୁଳ, ମୋ ଦେଶର ମାଟିକୁ ପ୍ରଣାମ କରୁଛି । ସମସ୍ତେ ବଞ୍ଚିବ । ମୋ ପାଇଁ ବାପା ତୁମେ ଦୁଃଖ କରନା । ମୁଁ ବିଦାୟ ନେଇ ଯାଉଛି ।

ବିଶୁ: ଆରେ, ତୁ ଏ କ'ଣ କହୁଛୁ ? ତୁ ମୋର ଏକୋଇର ବଳା । ତତେ କେମିତି ମୂରୁଛିବି ।

ଧରମା: ମୁଁ ଯାଉଛି । ବିଦାୟ ପିତୃଦେବ, ବିଦାୟ ମୋ ମାଆ, ବିଦାୟ ମୋ ଜନ୍ମମାଟି । ବିଦାୟ !!!

(ଏତିକି ଧରମା କହି, ଦେଉଳର ଅଗ୍ରଭାଗରୁ ସମୁଦ୍ରପାଣିକୁ ଡେଇଁ ପଡ଼ିଲା ।)

(ଯବନିକା ପତନ)

(ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଧରମା ସବୁଦିନ ପାଇଁ ନିଜକୁ ଜଳରେ ଝାସ ଦେଇଦେଲା ।)

## ଅଭ୍ୟାସ କାର୍ଯ୍ୟ

**ଆସ କିଛି ନୂଆ ଶବ୍ଦ ଜାଣିବା ।**

| | | | |
|---|---|---|---|
| ଅକ୍ଷୟ | ଉପାସନା | ଅଗ୍ର | ଶିରୋଧାର୍ଯ୍ୟ |
| ଘୋଷଣା | ଅକ୍ଲାନ୍ତ | କାରୁକାର୍ଯ୍ୟ | ଶିଳ୍ପୀ |

### ଅଭ୍ୟାସ

୧. ଆସ, ନାଟକରୁ ଉତ୍ତର ଖୋଜିବା ।

(କ) କୋଣାର୍କରେ କେଉଁ ମନ୍ଦିର ରହିଛି ?

(ଖ) କେଉଁ ରାଜା ସୂର୍ଯ୍ୟ ମନ୍ଦିର ଗଢ଼ାଇଥିଲେ ?

(ଗ) ମନ୍ଦିରର ଦଧିନଉତି କିଏ ବସାଇଥିଲା ?

(ଘ) ଧରମା କାହାର ପୁଅ ?

(ଙ) ବାରଶହ ବଢ଼େଇ ମଧ୍ୟରେ ମୁଖିଆ କିଏ ଥିଲା ?

(ଚ) ମନ୍ଦିର ଚୂଡାରୁ ଧରମା କାହିଁକି ସମୁଦ୍ରକୁ ଡେଇଁଲା ?

(ଛ) ଧରମା ତା'ର ବାପାଙ୍କୁ କିପରି ଚିହ୍ନିଲା ?

୨. କୋଠରୀ ଭିତରୁ ଶବ୍ଦ ଆଣି ଖାଲି ସ୍ଥାନ ପୂରଣ କର ।

(କ) ସକାଳେ ସମସ୍ତଙ୍କ ମୁହଁରେ ____________ ଲାଗିବ ।

(ଖ) ତୁମର ପୋଥି ପଢ଼ି ମୁଁ ____________ କାମ ଜାଣିଛି ।

(ଗ) ବାରଶହ ବଢ଼େଇ ____________ ଗଲୁଣି ।

(ଘ) ଟିକି ପିଲାଟି ____________ ବସାଇ ଦେଲା ।

ମନ୍ଦିର, ଚୂନକଳା, ଶିଳ୍ପୀ, ଦଧିନଉତି, ଅଗ୍ର, ଥକି

୩. ତଳେ କେତେଗୋଟି ଶବ୍ଦ ଦିଆଯାଇଛି। ତାହାର ବିପରୀତ ଶବ୍ଦ ଲେଖ କୋଠରୀରେ ।

| | | | |
|---|---|---|---|
| ଅକ୍ଷୟ | | ଭଙ୍ଗା | |
| ଅଗ୍ର | | ଧଳା | |
| ନୂତନ | | ଦୁଃଖ | |

୪. ତଳେ କେତୋଟି ଶବ୍ଦ ଦିଆଯାଇଛି, ତାକୁ ଲଗାଇ ବାକ୍ୟ ଗଢ଼ିବା ।

ଶିଳ୍ପୀ ______ ବିଦାୟ ______

ଅଗ୍ର ______ କାରୁକାର୍ଯ୍ୟ ______

ପ୍ରଣାମ ______ ଶିରୋଧାର୍ଯ୍ୟ ______

୫. ଯେପରି 'ଦୁଃଖ'ରୁ 'ଦୁଃଖିତ' ସେହିପରି ତଳ ଶବ୍ଦ କ'ଣ ହେବ ଲେଖିବା ।

ପୁଷ୍ପ ______ ପାଠ ______

ଗ୍ରହଣ ______ ବ୍ୟଥା ______

୬. କୋଣାର୍କ ମନ୍ଦିର ଏକାଙ୍କିକାକୁ ଗଳ୍ପରେ ଲେଖ ।

# ଜଣାଣ

କେତେ ଶୋଭାବନ ଦିଶେ ଏ ମହୀମଣ୍ଡଳ
ଋତୁରାଣୀ ନାଚିଯାଏ କରି ରଙ୍ଗ ଖେଳ
ଜନ, ପ୍ରାଣୀ ପାଇଁ ତା'ର ରୂପର ସମ୍ଭାର
ବୁଝୁ କେ ନ ବୁଝୁ ତାକୁ, ସେ ଚିର ସୁନ୍ଦର





ମନ୍ଦ ସମୀରଣ ହରେ ମନର ସନ୍ତାପ
ଧରଣୀରେ ଖେଳୁଥାଏ ଆତପର ତାପ
କୁସୁମ ସୁଗନ୍ଧ ଆସେ ବାତାୟନ ଦେଇ
ଋତୁ ମଧ୍ୟେ ଋତୁରାଜ ସୁଖେ ବିରାଜଇ



ଗାଈ ଜଗା ପିଲାଙ୍କର ବଂଶୀ ମଧୁ ସ୍ୱନ
ପୂନେଇଁ ରାତିରେ ସୁଖ ଲାଗେ ଶୁଭ୍ରଜହ୍ନ
ସ୍ନିଗ୍ଧ ଶୀତଳ କରେ ହସେ ଏ ଧରଣୀ
ମାଖିଦିଏ କର ଜାଳ ମହୀ ମୁଖେ ଆଣି



ତାରକା ଖଚିତ ନଭ ଦିଶଇ ରୁଚିର
ମୁକ୍ତ ସମୀର ଲାଗଇ ତନୁକୁ ମଧୁର
ଦିବସଠାରୁ ଯାମିନୀ ଲାଗେ ମନୋହର
ସୁଖେ ବିହରନ୍ତି ସର୍ବେ ସତେ ସ୍ୱର୍ଗପୁର

ସରିତ, ସାଗର ନାଚେ ବସନ୍ତ ଆଗମେ
ଉତ୍ସବେ, ପରବେ ଖେଳୁଥାନ୍ତି ଶେଷଯାମେ
ଅବନୀ ରାଣୀର ସୁଖ ସତେ ଅପାସୋରା
ମେଲାଇଥାଏ ତାହାର ସୁଖର ପସରା





ପ୍ରଫୁଲ୍ଲ ବଦନେ କ୍ଲାନ୍ତ ଜୀବନ ବିତାନ୍ତି
ଜଗତେ ସକଳେ ମନେ ଆମୋଦ ମଣନ୍ତି
ମଧୁମୟ ସଂସାରରେ ଏ ଋତୁରାଜନ
ଋତୁଚକ୍ର ଆବର୍ତ୍ତନେ ଶୁଭ ଆଗମନ

**ସୂଚନା:**

| | | |
|---|---|---|
| ଶୋଭାବନ - ସୁନ୍ଦର | ସମ୍ଭାର - ସୃଷ୍ଟି | ଆତପ - ସୂର୍ଯ୍ୟ |
| କୁସୁମ - ଫୁଲ | ଶୁଭ୍ର - ଧଳା | ରୁଚିର - ସୁନ୍ଦର |
| ସମୀର - ପବନ | ସରିତ - ନଈ | ଯାମେ - ପ୍ରହରରେ/ରାତିରେ |
| ଯାମିନୀ - ରାତି | ଅବନୀ - ପୃଥିବୀ | ଋତୁରାଜ - ବସନ୍ତ |
| ମଧୁମୟ - ମଙ୍ଗଳମୟ | ବିହରନ୍ତି - ବୁଲନ୍ତି | ସ୍ନିଗ୍ଧ - କୋମଳ |

ଋତୁଚକ୍ର - ଛଅ ଋତୁମାନେ ଗୋଟିଏ ପରେ ଗୋଟିଏ ଆସନ୍ତି ।

## ଅଭ୍ୟାସ କାର୍ଯ୍ୟ

| | | | |
|---|---|---|---|
| ଆସ | ଜାଣିବା | କେତେଗୋଟି | ନୂଆ ଶବ୍ଦ । |
| ପରୋପକାର | ଝାଉଁଳି | ଗଣ୍ଠିଧନ | ସଂସ୍କାର |
| ମାର୍ଗ | ତୀକ୍ଷ୍ଣ | ଦୁରାଚାର | ସମୀର |

### ଅଭ୍ୟାସ

୧. **ଆସ କବିତାରୁ ବାହାର କରି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

(କ) ଋତୁରାଣୀ କାହାକୁ ଓ କାହିଁକି କୁହାଯାଇଛି ?

(ଖ) ଅବନୀ ରାଣୀର ସୁଖ ସତେ ଅପାସୋରା - ଏ କଥାର ଅର୍ଥ କ'ଣ ?

(ଗ) ପୂନେଇଁ ରାତିରେ କ'ଣ ସୁଖ ଲାଗେ ?

(ଘ) କାହା ପାଇଁ ତା'ର ରୂପର ସମ୍ଭାର ?

୨. **କବିତାଟି ପଢ଼ି 'କ' ସ୍ତମ୍ଭରେ ଥିବା ଶବ୍ଦ ସହ 'ଖ' ସ୍ତମ୍ଭର କେଉଁ ଶବ୍ଦର ସମ୍ପର୍କ ରହିଛି, ତାକୁ ଯୋଡ଼ି ଖାଲି ସ୍ଥାନରେ ଲେଖିଦେବା ।**

| 'କ' | 'ଖ' | |
|---|---|---|
| ଶୁଭ | ରୁଚିର | ________ |

| | | |
|---|---|---|
| ସରିତ | ସମୀର | ___________ |
| ସ୍ନିଗ୍ଧ | ରାତି | ___________ |
| ପୂନେଇଁ | ରାଣୀ | ___________ |
| ମୁକ୍ତ | ସାଗର | ___________ |
| ଦିଶଇ | ଶୀତଳ | ___________ |
| ଅବନୀ | ଆଗମନ | ___________ |

**୩. ତଳେ କେତେଗୋଟି ଶବ୍ଦ ଦିଆଯାଇଛି, ତାହାର ଆଗପଟରେ ଓ ପଛପଟରେ ଖାଲି ଯାଗା ଅଛି । କବିତା ଅନୁସାରେ ଆସ ଧାଡ଼ିଗୁଡ଼ିକ ପୂରଣ କରିବା ।**

_______________ ହରେ _______________

_______________ ନଭ _______________

_______________ ଯାମିନୀ _______________

_______________ ଋତୁରାଜ _______________

_______________ ନାଚେ _______________

**୪. ନିଜ ଭାଷାରେ ତଳେ ଦିଆଯାଇଥିବା ପଦର ଅର୍ଥ ଲେଖିବା ।**

'ମନ୍ଦ ସମୀରଣ ହରେ ମନର ସନ୍ତାପ
ଧରଣୀରେ ଖେଳୁଥାଏ ଆତପର ତାପ'।

_______________________________________________

_______________________________________________

_______________________________________________

_______________________________________________

**୫. ଆସ ତଳେ ଦିଆଯାଇଥିବା ଶବ୍ଦକୁ ଲଗାଇ ଗୋଟିଏ ଲେଖାଏଁ ବାକ୍ୟ ଗଢ଼ିବା ।**

ଶୀତଳ _______________

ଯାମିନୀ _______________

ସରିତ _______________

ସମୀର _______________

ଶୁଭ୍ର _______________

ଉତ୍ସବ _______________

୬. ତଳେ ଦିଆହୋଇଥିବା ଶବ୍ଦର ଏକା ଅର୍ଥ ବୁଝାଉଥିବା ଶବ୍ଦ କୋଠରୀରେ ଲେଖିବା।

ଅରଣ୍ୟ ____________ ସୂର୍ଯ୍ୟ ____________

ନଭ ____________ ସଂସାର ____________

ରାତି ____________ ଧଳା ____________

ସାଗର ____________ ପବନ ____________

ଧରଣୀ ____________ ଦୁଷ୍ଟ ____________

୭. ଆସ, ମନକୁ ମନ କବିତାର ପଦପୂରଣ କରିବା।

(କ) ତାରକା ଖଚିତ ନଭ ଦିଶଇ ରୁଚିର

____________।

(ଖ) ମଧୁମୟ ସଂସାରରେ ଏ ଋତୁରାଜନ

____________।

(ଗ) ଦିବସଠାରୁ ଯାମିନୀ ଲାଗେ ମନୋହର

____________।

(ଘ) ଅବନୀ ରାଣୀର ସୁଖ ସତେ ଅପାସୋରା

____________।

୮. ପଠିତ କବିତାରୁ ବସନ୍ତ ଋତୁରେ ପୃଥିବୀର କ'ଣ ପରିବର୍ତ୍ତନ ଦେଖାଯାଏ ୫ ଧାଡ଼ିରେ ଲେଖ।

____________

____________

____________

____________

____________

୯. ଛଅଟି ଋତୁ ମଧ୍ୟରୁ 'ବର୍ଷା', 'ଗ୍ରୀଷ୍ମ' ଋତୁ ସଂପର୍କରେ ଲେଖା ହୋଇଥିବା ଆଉ କେତେଗୋଟି କବିତା ସଂଗ୍ରହ କର।

____________

____________

____________

____________

# ୧୪ ଠକ ବାବାଜୀ



ଥରେ ଗୋଟିଏ ଗାଁକୁ ବାବାଜୀଟିଏ ଆସିଲେ । ପିଲାମାନଙ୍କୁ ସେ ବେଶୀ ଆଦର କଲେ । ପିଲା ଯାହା ମାଗିଲେ ତାହା ଦେଲେ । ସମସ୍ତଙ୍କ ପରିବାରର ସଦସ୍ୟ ଭାବେ ସେ ପ୍ରାୟ ଦୁଇବର୍ଷ ରହିଲେ । ଲୋକେ ବାହା, ନିମତ୍ୟ ହେଲେ ତାଙ୍କୁ ନିମନ୍ତ୍ରଣ କରନ୍ତି । ଗାଁରେ ଗୋଟିଏ ଭାଗବତ ଟୁଙ୍ଗୀଟିଏ ଥିଲା । ସେଠାରେ ସେ ରହୁଥିଲେ । ସବୁଦିନ ସକାଳେ ଗାମୁଛା କାନି ଧରାଇ ଦିଅନ୍ତି ପିଲାଙ୍କୁ । ମନ୍ତ୍ର ସାହାଯ୍ୟରେ ମୁଢ଼ି, ଲଡୁ ବାହାର କରି ପିଲାଙ୍କୁ ବାଣ୍ଟନ୍ତି । ମେଳା ମହୋତ୍ସବରେ କୀର୍ତ୍ତନ କରନ୍ତି । କୀର୍ତ୍ତନ କରୁ କରୁ ଭାବରେ କାନ୍ଦି ପକାନ୍ତି । ତାଙ୍କୁ ଲୋକେ ସାଧୁ ବୋଲି ମାନୁଥିଲେ ।

ଖିରାବେଳେ ମନ୍ତ୍ର ସାହାଯ୍ୟରେ ବାବାଜୀ ମହାପ୍ରସାଦ ମଗାଇ ଦିଅନ୍ତି । ଆସ୍ତେ ଆସ୍ତେ ସମସ୍ତଙ୍କର ପ୍ରିୟପାତ୍ର ହୋଇଗଲେ । ସମସ୍ତେ ଆଦର କଲେ । କିନ୍ତୁ ତାଙ୍କ ଭିତରେ ମନ୍ଦ ଉଦ୍ଦେଶ୍ୟ ଥାଏ । ଗୁଣୀ ଗାରେଡ଼ି ତାଙ୍କୁ ଭଲ ମାଲୁମ୍ ଥାଏ । କିଛି ଦିନପରେ ସେ ବୋହୂ, ଝିଅମାନଙ୍କୁ କାଳିସୀ ଲାଗିଥିଲେ ଛଡ଼ାନ୍ତି । ତେଣୁ ସମସ୍ତେ ଜାଣିଲେ ଯେ ବାବାଜୀ ସର୍ବଗୁଣରେ ପରିପୂର୍ଣ୍ଣ । ସେ ନିଜେ କାଳିସୀ ଲଗାନ୍ତି ବୋଲି କେହି ବିଶ୍ୱାସ କରୁନଥିଲେ ।

ହଇଜା ଲାଗିଲେ ସେ ଝାଡ଼ନ୍ତି । ତାଙ୍କର ଗୋଟିଏ ଦଳ ଥାଏ । ଥରେ ମେଳା ହେଉଥାଏ । ପିଲାମାନେ ମେଳାରେ ଥାଆନ୍ତି । ଗୋଟିଏ ପିଲାକୁ ସେ ଡାକିଆଣି ତାଙ୍କ ଦଳର ଅଜଣା ଲୋକକୁ ଦେଇ ଦେଲେ । ସେମାନେ ଥିଲେ ପିଲାଚୋର ।

ସେମାନେ ପିଲାକୁ ନେଇ ବାହାର ଦେଶରେ ବିକି ପ୍ରଚୁର ଟଙ୍କା ରୋଜଗାର କରନ୍ତି । ଗାଁ ଲୋକ ଜାଣିପାରନ୍ତି ନାହିଁ । ଥର, ଥର କରି ସାତଟି ପିଲାଙ୍କୁ ସେ ବାବାଜୀ କୌଶଳରେ ନେଇ ବିକିଦେଲେ । ପୋଷାକ ତାଙ୍କର ସାଧାରଣ ଲୋକଙ୍କ ପରି । ଚିତା ଚୈତନ କାଟିଥାଆନ୍ତି । ମୁହଁରେ ହରି, ହରି କହୁଥାନ୍ତି । ସବୁ କଥାରେ "ହରି ଓଁ ତତ୍‌ସତ୍ । ରାଧା ଗୋବିନ୍ଦ ହେ ପାରିକର ।"

ଗାଁ ମୁଖିଆମାନଙ୍କୁ ହାତରେ ରଖିଥାନ୍ତି । ତାଙ୍କର ମନ ନେଉଥାନ୍ତି । ସେ ସବୁବେଳେ ଏ ଘରର ମାଉସୀ ତ, ସେ ଘର ପିଉସୀ । ମଝିରେ ମଝିରେ ଆଠଦିନ ଖଣ୍ଡେ ଅନ୍ତର୍ଦ୍ଧାନ ହୋଇଯାଏ । ବାବାଜୀର ଲୋକମାନେ ଏହିପରି ପିଲା ଚୋରି କରିଥାଆନ୍ତି ବିଭିନ୍ନ ଗାଁ ରୁ ତାଙ୍କର ଗୁଣ ଧରାପଡୁ ନଥାଏ ।

ଗୋଟିଏ ବଗୁଲିଆ ପିଲା ବାବାଜୀ ସାଙ୍ଗେ ସବୁବେଳେ ଲାଗେ, ଥଟ୍ଟା କରେ ଓ ତା'ର ଗତିବିଧିକୁ ଲକ୍ଷ୍ୟ କରେ । ଥରେ ଯାତ୍ରା ଦେଖିବାକୁ ଚାରିପାଞ୍ଚ ଜଣ ପିଲା ଗଲେ । ସମସ୍ତେ ଫେରିଲେ କିନ୍ତୁ ଗୋଟିଏ ପିଲା ଫେରିଲା ନାହିଁ । ସମସ୍ତେ ଚିନ୍ତାରେ ପଡ଼ିଲେ । ମାଆ ତା'ର ଦାନା ଛାଡ଼ିଦେଲା ।

ଏମିତି କିଛି ଦିନ ଗଲା ପରେ ସେ ପିଲା ମନକୁ ମନ ଘରକୁ ଫେରି ଆସିଲା । ବାବାଜୀ କିପରି ନିଶା ଚକୋଲେଟ୍ ଦେଇ ଅଚେତ କରେଇଲା, ସବୁକଥା ଗାଁ ଲୋକଙ୍କୁ କହିଲା । କେଉଁ ବଣରେ ରହି ଲୁଚି କରି ପହଞ୍ଚିଲା ସେକଥା ମଧ୍ୟ ବଖାଣିଲା । ମାଆ ତା'ର ପୁଅକୁ ପାଇ ଆନନ୍ଦିତ ହେଲା । ଠକ ବାବାଜୀକୁ ଧରିବା ପାଇଁ ଗାଁ ଲୋକେ ଯୋଜନା କରି ଜଗି ରହିଲେ ।

ଆଉଦିନେ ଗୋଟିଏ ପିଲାକୁ ଧରିଲାବେଳେ ବାବାଜୀଙ୍କୁ ଗାଁ ଲୋକ ଧରି ବାଡ଼େଇ ଲଣ୍ଡାକଲେ । ଗାଲରେ ଚୂନକଳା ଦେଇ ଗାଁ ସାରା ବୁଲେଇ ବୁଲେଇ ପୋଲିସ୍ ହାତରେ ଧରାଇଦେଲେ । ଅଧିକ ଲାଭ ଆଶାରେ ଓ ବିନା ପରିଶ୍ରମରେ ପଇସା ରୋଜଗାରର ନିଶା ଛାଡ଼ିଗଲା । କର୍ମରୁ ଅଧିକା ଚାହିଁଲେ ଏପରି ଫଳ ମିଳେ । ଠକାମିର ଫଳ ବାବାଜୀ ଭୋଗିଲା । ଜେଲ୍‌ରେ ଯାଇ ଘଣା ପେଲିଲା । ନିଜ ଭୁଲ ବୁଝିଲା । ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ଗଡ଼ି ଯାଇଥିଲା ।

ଭାଗବତରେ ଅଛି:-

"କର୍ମରୁ ଅଧିକ ଯେ ଲୋଡ଼ଇ

ଚୋର ସମାନେ ଦଣ୍ଡ ପାଇ ।"

# ଅଭ୍ୟାସ କାର୍ଯ୍ୟ

**ଆସ ନୂଆ ଶବ୍ଦ ଜାଣିବା ।**

| | | | |
|---|---|---|---|
| କୀର୍ତ୍ତନ | ଗତିବିଧି | କାଳେସୀ | ଲକ୍ଷ୍ୟ |
| ଠକାମି | ବଖାଣିବା | ମହାପ୍ରସାଦ | କୌଶଳ |

## ଅଭ୍ୟାସ

**୧. ଆସ ସମସ୍ତେ ମିଶି ପଚରା ପଚରି ହେବା ।**

(କ) ଗାଆଁକୁ କିଏ ଆସିଥିଲେ ?

(ଖ) ମନ୍ତ୍ର ସାହାଯ୍ୟରେ ବାବାଜୀ କ'ଣ ବାହାର କରନ୍ତି ?

(ଗ) କେଉଁ ପିଲା ବାବାଜୀ ସାଙ୍ଗରେ ଲାଗେ ?

(ଘ) ଲୋକେ ବାବାଜୀଙ୍କୁ କ'ଣ କରି ପୋଲିସକୁ ଦେଲେ ?

(ଙ) କାହାକୁ ବାବାଜୀ ହାତରେ ରଖିଥାଏ ?

**୨. କାହାର କାହା ସହିତ ସଂପର୍କ ଅଛି ଗାର ଟାଣି ଚିହ୍ନାଇବା ।**

| | |
|---|---|
| ଗୁଣି | ଯନ୍ତ୍ର |
| ଆଦର | ବିଧି |
| ବଗୁଲିଆ | ପିଲା |
| ଗତି | ବାବାଜୀ |
| ଠକ | ଗାରେଡ଼ି |

**୩. ଯେପରି 'ପୁରାଣ'ରୁ 'ପୌରାଣିକ' ହୋଇଛି, ସେହିପରି ତଳେ ଦିଆଯାଇଥିବା ଶବ୍ଦ କ'ଣ ହେବ ଲେଖିବା କୋଠରୀରେ ।**

ବିଜ୍ଞାନରୁ ____________ ଗଣିତରୁ ____________

ଇତିହାସରୁ ____________ ରେଖାରୁ ____________

୪. ଆସ, ତଳେ ଦିଆଯାଇଥିବା ଶବ୍ଦକୁ ଲଗାଇ ବାକ୍ୟ ଗଢ଼ିବା ।

ଅନ୍ତର୍ଦ୍ଧାନ ____________________

ମୁଖିଆ ____________________

ସାଧାରଣ ____________________

ଗୁଣ ____________________

ପରିପୂର୍ଣ୍ଣ ____________________

ପ୍ରିୟପାତ୍ର ____________________

୫. ସରଳ ଭାଷାରେ ବୁଝାଇ ଲେଖ ।

"କର୍ମରୁ ଅଧିକ ଯେ ଲୋଡ଼ଇ

ଚୋର ସମାନେ ଦଣ୍ଡ ପାଇ ।"

୬. ଜଣେ ଭଣ୍ଡ ବାବାଜୀର କେଉଁ ସବୁ ଖରାପ ଗୁଣ ଥାଏ ?

୧୬

# ଢେଙ୍ଗା ପିଲାର ସାହସ



କଟକ ସହରରେ ଗୋଟିଏ ନାମଜାଦା ପିଲା ଜନ୍ମଗ୍ରହଣ କରିଥିଲା । ଥରେ ସେ ସ୍କୁଲରୁ ଫେରୁଥାଏ । ଗଡ଼ଖାଇ ପାଖରେ ଜାମୁଗଛଟାଏ ଥାଏ । ସେ କିଛି କୋଳି ନିଜେ ତୋଳି ନିଜେ ଖାଇ ସାଙ୍ଗମାନଙ୍କୁ ଖୋଇବ ବୋଲି ଭାବୁଥିଲା । ସେହି ଗଛ ପାଖରେ ପହଞ୍ଚି ଦେଖିଲା ଆମ ଦେଶର ଶତ୍ରୁ ଗୋରା ଫଉଜ ମଜାଗପ କରୁଛନ୍ତି ସେଇ ଗଛ ମୂଳରେ ।

ରାଗରେ ସେ ବୁଦାମୂଳରୁ ବୋଲୁଅ ଗୋଟାଏ ଉଠାଇ ଗୋରାମାନଙ୍କୁ ଫୋପାଡ଼ି ଧଇଁ ସଇଁ ହୋଇ ଘରେ ପଶିଗଲା । ବାପା ପଚାରିଲେ- "କ'ଣ ହେଲା, କିରେ ? ଏମିତି ଧାଇଁଛୁ" ? ସବୁକଥା ସେ ବାପାଙ୍କୁ ଖୋଲି କହିଦେଲା । ଏଥିରୁ ତାର ସ୍ପଷ୍ଟବାଦୀତାର ପରିଚୟ ମିଳେ ।

ତା'ର ବାପା କହିଲେ ମାଇଲୁ ତ ମାଇଲୁ ହେଲେ ଚୋରଙ୍କ ପରି ପଳାଇଆସିଲୁ କାହିଁକି ? ବାପାଙ୍କର ସାହାସ ପାଇ ପୁଣିଗଲା ଢ଼େଲା ଫିଙ୍ଗିଲା । ସେମାନେ ବହୁତ ମାରଧର କଲେ । ହେଲେ ତାର ଦୁଃଖ ହେଲାନାହିଁ । ସେ ପଣ କଲା । ଏ କୁକୁରମାନଙ୍କୁ ସାବାଡ୍ କରିବ । ମନକଥା ମନରେ ଥାଏ ।

ଆଉ ଦିନକର ଘଟଣା । ସେ ସ୍କୁଲରେ ପଢୁଥାଏ । ପଟ୍ଟାମୁଣ୍ଡାଇ ଗାଁ ବନ୍ୟାରେ ଭାସି ଯାଉଥାଏ । ଡ଼ଙ୍ଗାରେ ବସି ଗୋପବନ୍ଧୁ ବନ୍ୟା ବିପନ୍ନ ଲୋକଙ୍କୁ ଚୁଡ଼ା, ଚାଉଳ ବାଣ୍ଟିବାକୁ ଯାଉଥାଆନ୍ତି । ସାଙ୍ଗରେ

ଥାଆନ୍ତି ଟିକିଟିକି ସ୍କୁଲ ପିଲା । ନଈ ପାରି ହେଲାବେଳେ ଗୋପବନ୍ଧୁ ଖରା ନିମନ୍ତେ ଛତା ଧରିଥାନ୍ତି । ଭାରି ଟାଣ ଖରା । ଦରଦୀ ର ବନ୍ଧୁ ଥିଲେ ଗୋପବନ୍ଧୁ । ଅନ୍ୟର ଦୁଃଖ ଦେଖିଲେ ଆଖିରେ ତାଙ୍କର ଲୁହ ରହୁନଥିଲା ।

ସାହାଯ୍ୟ କରିବାକୁ ଯାଉଥାନ୍ତି । ଉତ୍କଳମଣିଙ୍କର ଛତାଟି ପବନରେ ଉଡ଼ିଯାଇ ନଈରେ ପଡ଼ିଗଲା । ସାଙ୍ଗେ ସାଙ୍ଗେ ସ୍କୁଲପିଲାଙ୍କ ଭିତରୁ ସବୁଠାରୁ ଡେ଼ଙ୍ଗା ପିଲାଟି ଉଛୁଳୁ ମୁଛୁଳୁ ନଈକୁ ଡେ଼ଇଁ ପଡ଼ିଲା । ଛତାକୁ ଧରି ପୁଣି ଡ଼ଙ୍ଗାକୁ ଫେରିଆସିଲା । ଉଛୁଳୁ ମୁଛୁଳୁ ଭରା ନଈକୁ ତା'ର ଡର ନଥିଲା । କେଡ଼େ ସାହସୀ ସିଏ ।

ଏକଥା ଦେଖି ଗୋପବନ୍ଧୁଙ୍କ ଆଖି ଖୋସି ହୋଇଗଲା । ସେ ପିଲାଟି ପିଠିରେ ହାତମାରି କହିଲେ, "ଆରେ ବାବୁ! ତୁମେ ଏ କ'ଣ କଲ ? ତୁମ ଜୀବନଠାରୁ ମୋ ଛତାଟା କ'ଣ ଏତେ ବଡ଼" ? ସାଙ୍ଗେ ସାଙ୍ଗେ ପିଲାଟି ଉତ୍ତର ହେଲା, ଆପଣ ନିଜ ଜୀବନକୁ ବିପନ୍ନ କରି କେତେ ଲୋକଙ୍କ ସେବା କରିବାକୁ ଯାଉଛନ୍ତି । ଆପଣଙ୍କ ଛତା ମୋ ଜୀବନଠାରୁ କ'ଣ କମ୍ ମୂଲ୍ୟବାନ୍ । ତା'ର ତୀକ୍ଷ୍ଣବୁଦ୍ଧିକୁ ପ୍ରଶଂସା କରି କହିଲେ "ଦିନେ ନା ଦିନେ ତୁ ବଡ଼ ହେବୁ ।"

ସେ ଡେ଼ଙ୍ଗା ପିଲା ଜଣଙ୍କ ଥିଲେ 'ବିଜୁ ପଟ୍ଟନାୟକ', ଯାହାର ପ୍ରାଣ ଓଡ଼ିଶା ପାଇଁ କାନ୍ଦୁଥିଲା । ଯାହା ଚାହୁଁଥିଲେ, ସେ ତାହା କରିପାରୁଥିଲେ । ସେ ବଡ଼ମଣିଷ ହେଲେ । ସାରା ଭାରତବର୍ଷରେ ତାଙ୍କର ନାଁ ବିଖ୍ୟାତ ହେଲା । ସେ "କଳିଙ୍ଗ ସମ୍ରାଟ" ଭାବରେ ପରିଚିତ ହେଲେ । ଦେଶ ଓ ଜାତିର ସେ ଥିଲେ ଭାଗ୍ୟ ବିଧାତା ।

ସେ ଯେପରି ସାହସୀ ସେହିପରି ଖେଳପ୍ରେମୀ ଥିଲେ । ମଣିଷର ଜନ୍ମ ଈଶ୍ୱରଙ୍କ ହାତରେ କିନ୍ତୁ ତାର କର୍ମ ନିଜ ହାତରେ । ଚାହିଁଲେ ସମସ୍ତେ ଭଲ ମଣିଷ ହୋଇପାରିବେ । ବିଜୁ ବାବୁଙ୍କ ପରି ସନ୍ତାନ ଜନ୍ମହେବା ଦୁର୍ଲଭ । ଓଡ଼ିଶା କାହିଁକି, ଭାରତ ବି ଝୁରୁଛି । ସେ ଇଣ୍ଡୋନେସିଆର ସୁକର୍ଣ୍ଣଙ୍କୁ ବିପଦରୁ ଉଦ୍ଧାର କରିବାରୁ ତାଙ୍କୁ ଇଣ୍ଡୋନେସିଆର "ଭୂମିପୁତ୍ର" କୁହାଯାଏ । ସେ କହନ୍ତି ''ମୁଁ ଓଡ଼ିଶାର, ଓଡ଼ିଶା ମୋର'' । ଏ ପାଣି, ପବନ ତାଙ୍କୁ ସବୁଦିନେ ମନେ ରଖିଥିବ ।

# ଅଭ୍ୟାସ କାର୍ଯ୍ୟ

**ଆସ ନୂଆ ନୂଆ ଶବ୍ଦକୁ ଜାଣିବା ।**

| | | |
|---|---|---|
| ପଣ | ବିପନ୍ନ | ନାମଜାଦା |
| କର୍ମ | ଫଉଜ | ଗୋପବନ୍ଧୁ |
| ପ୍ରେମୀ | ଈଶ୍ୱର | ବିଧାତା |

## ଅଭ୍ୟାସ

୧. **ଆସ ସାଙ୍ଗମାନଙ୍କ ସହିତ ଉତ୍ତର ଖୋଜିବା ।**

(କ) ନାମଜାଦା ପିଲାଟି କେଉଁ ସହରରେ ଜନ୍ମିଥିଲେ ?

(ଖ) ଗୋପବନ୍ଧୁଙ୍କ ଛତାକୁ କିଏ ନଈରୁ ଆଣିଲା ?

(ଗ) ଗଛ ମୂଳରେ କେଉଁମାନେ ମଜା ଗପ କରୁଥିଲେ ?

(ଘ) ବାପା ବିଜୁବାବୁଙ୍କୁ କ'ଣ କହିଲେ ?

(ଙ) କୁକୁରମାନଙ୍କୁ କିଏ ସାବାଡ଼୍ କରିବେ ବୋଲି ଭାବିଲେ ?

(ଚ) 'କୁକୁର' ଶବ୍ଦଟି __________ ଏଠାରେ କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

୨. **ତଳେ ଦିଆଯାଇଥିବା ଶବ୍ଦର ଅର୍ଥ ବାହାର କରି କୋଠରୀରେ ଲେଖିବା ।**

| | | | |
|---|---|---|---|
| ବିପନ୍ନ | | ମୂଲ୍ୟବାନ୍ | |
| ଫଉଜ | | ସମ୍ରାଟ | |
| ଈଶ୍ୱର | | | |

୩. **ତଳେ ଦିଆଯାଇଥିବା ଶବ୍ଦ ସହ ଠିକ୍ ଶବ୍ଦ କୋଠରୀରୁ ଆଣି ଶବ୍ଦ ଯୋଡ଼ ।**

| | | | |
|---|---|---|---|
| ଜୀବନକୁ | | ଗଛରୁ | |
| ବିପଦରୁ | | ଫୁଲର | |
| କର୍ମର | | ମନରେ | |

ଉଦ୍ଧାର, ପଡ଼ିଲା,
ଚନ୍ଦନ, ଫଳ,
ବିପନ୍ନ, ସୁବାସ, ଗର୍ବ

୪. ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟ ଗଢ଼ିବା।

ମୂଲ୍ୟବାନ୍ __________

କଳିଙ୍ଗ __________

ବିଖ୍ୟାତ __________

ବିଧାତା __________

ବିପନ୍ନ __________

୫. ବିଜୁ ପଟ୍ଟନାୟକଙ୍କର ସାହସିକତା ବିଷୟରେ ୪ଟି ବାକ୍ୟ ଲେଖ।

୬. ନେତାଜୀ ଓ ବିଜୁବାବୁଙ୍କ ଫଟୋ ସଂଗ୍ରହ କରି ଅଠା ଦ୍ୱାରା ଲଗାଅ।

# ୧୭ ଏତେ ସପନକୁ ରାତି କାହିଁ



ଗୋଟିଏ ଗାଁରେ ଜଣେ ତେଲି ଥିଲା । ସେ ଭାରି ଗରିବ ଥିଲା । ପାଠଶାଠ ବେଶୀ ପଢ଼ିନଥାଏ । ମୂଲ ମଜୁରି ଲାଗି ଚଳେ । ବିଧବା ମାଆଟିଏ ଓ ଭାଇଭଉଣୀ ଦୁଇଜଣ । ଏମତି ବାରପାଇଟି କରି ତେଲି ଦିନ କାଟେ । କାହାର ଦିନ ସମାନ ଯାଏନାଁ । ମନରେ ଦିନେ ନୂଆକଥା ପାଞ୍ଚିଲା ।

ଗାଆଁର ସାହୁକାର କହିଲା, "ତୁ ଆଉ ମୂଲ ଲାଗ୍‌ନା । ବେପାର ବଣିଜ କରି ଭଲରେ ଚଳିଯିବୁ । ମୋ ପାଖରୁ କିଛି ଟଙ୍କା ନେଇ । ମୁଁ ତୋଠାରୁ କମ୍ ସୁଧ ନେବି ।" ଏକଥାକୁ ସେ ମୁଣ୍ଡରେ ପୂରେଇଲା । ରାତିରେ ମାଆ, ପୁଅ ବିଚାର କଲେ । ଏକଥାଟା ସମସ୍ତଙ୍କ ମନକୁ ପାଇଲା ।

ରାତି ପାହିଲା । ସକାଳ ହେଲା । ରାତିରେ ତାକୁ ନିଦନଥାଏ । ନିତ୍ୟକର୍ମ ସାରି ସାହୁକାର ଘରକୁ ଯାଇ ମୁଠାଏ ଟଙ୍କା ଆଣିଲା । ତେଲ ପସରା ଟିଏ କଲା । ତେଲ ବିକି ବେଶ୍ କିଛି ରୋଜଗାର କଲା । ଦିନଗୁଡ଼ିକ ଭଲରେ କଟିଲା ।

ପାଖରେ କିଛି ପୁଞ୍ଜି ହେଲା । ମନ ତା'ର କୁଣ୍ଢେ ମୋଟ ହୋଇଗଲା । କାହାରିକୁ ଆଉ ମାନିଲା ନାହିଁ । ଗର୍ବରେ ଫାଟି ପଡ଼ିଲା । ତା'ର ସାଙ୍ଗମାନେ ପଚାରିଲେ, "ତୁ ବାହାସାହା ହେଇଯାଇ ଘର ସଂସାର କରୁନୁ, ଆମେ ତ ଭୋଜିଭାତ ଗଣ୍ଡାଏ ଖାଇବା ।"

ପସରା ମୁଣ୍ଡେଇ ତେଲି ମନେ ମନେ କହିଲା ମୁଁ କୋଠା କରିବି । ଧୁମ୍‌ଧାମ୍‌ରେ ବାହାଘର ହେବ । ବାଣ ରୋଷଣୀ ଫୁଟେଇ ବର ହେଇଯିବି । ଗାଁ ବାଲାଙ୍କ ଆଖି ଝଲସାଇ ଦେବି । ସମସ୍ତେ ମନେ ରଖିଥିବେ ।

ମୋର ପୁଅ ହେବ । ତାକୁ ବଡ଼ ମଣିଷ କରିବି । ସେ ବଡ଼ ଚାକିରୀ କରିବ । ମୋତେ ଟଙ୍କା ଦେବ । ମୁଁ ଗଦିରେ ବସି ଚା' ପିଉଥିବି । ଏଇ ସମୟରେ ସେ ମୋତେ ଡ଼ାକି କହିବ, ବାପା, "ଖାଇବ ଆସ" । ମୁଁ କହିବି - "ଖାଇବି ନାହିଁ ।" ଏହା କହି ଜୋରରେ ମୁଣ୍ଡ ହଲାଇ ଦେବାରୁ ତା ମୁଣ୍ଡ ଉପରୁ ପସରା ତଳେ ପଡ଼ିଗଲା । ତେଲ ତକ ବୋହିଗଲା । ତା'ର ସବୁ ସପନ ଭାଙ୍ଗିଗଲା । ଏତେ ସପନକୁ ରାତି କାହିଁ । ଶେଷରେ କାନମୁଣ୍ଡା ଆଉଁସି, ଆଉଁସି ଘରକୁ ଫେରିଲା ମନଦୁଃଖରେ । କଥାରେ ଅଛି "ମୂଳରୁ ପୁଅ ନାହିଁ, ପୁଅ ନାଁ ଗୋପାଳିଆ" । ଅତି ଗର୍ବ କଲେ ଏଇଆ ଫଳ ମିଳିଥାଏ । ବୁଝି ବିଚାରି କାର୍ଯ୍ୟ କରିବା ବୁଦ୍ଧିମାନର କାମ ।

## ଅଭ୍ୟାସ କାର୍ଯ୍ୟ

**ଆସ, ନୂଆ ଶବ୍ଦ ଜାଣିବା ।**

| | | | |
|---|---|---|---|
| ଗର୍ବ | ସପନ | କ୍ଷତି | ସାହୁକାର |
| ପୁଞ୍ଜି | ବଣିଜ | ଲାଭ | ଧୁମ୍‌ଧାମ୍ |

## ଅଭ୍ୟାସ

୧. **ଆସ ସମସ୍ତେ ମିଳିମିଶି ଉତ୍ତର ଖୋଜିବା ।**

(କ) ତେଲି କିପରି ଚଳୁଥିଲା ?

(ଖ) ପସରାରେ କ'ଣ ସବୁ ନେଇ ବିକିଲା ?

(ଗ) ବେପାର କରି ତେଲି କ'ଣ ପାଇଲା ?

(ଘ) ତେଲି ମନରେ କ'ଣ ଚିନ୍ତା କଲା ଭବିଷ୍ୟତ ପାଇଁ ?

(ଙ) ସପନ ତାହାର କିପରି ଭାଙ୍ଗିଲା ?

୨. **'ଲାଭକ୍ଷତି' ପରି ଆଉ କେତୋଟି ଶବ୍ଦ ଗଢ଼ିବା ।**

୩. ଆସ ତଳ ଶବ୍ଦକୁ ଲଗାଇ ବାକ୍ୟ ଗଢ଼ିବା ।

| | | | |
|---|---|---|---|
| ପସରା | ________ | ସପନ | ________ |
| କ୍ଷତି | ________ | ବଣିଜ | ________ |

୪. ତଳେ ଯେଉଁ ଶବ୍ଦ ଦିଆଯାଇଛି, ତାହାର ବିପରୀତ ଶବ୍ଦ ଲେଖ ।

| | | | |
|---|---|---|---|
| ଗରିବ | ________ | ଭଦ୍ର | ________ |
| ଲାଭ | ________ | କମ୍ | ________ |
| ଅମାବାସ୍ୟା | ________ | ବନ୍ଦ | ________ |

୬. ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖ ।

ଗାଁର ସାହୁକାର କହିଲା, "ତୁ ଆଉ ମୂଲ ଲାଗ୍‌ନା । ମୋ ପାଖରୁ କିଛି ଟଙ୍କା ନେ । ମୁଁ ତୋ ଠାରୁ କମ୍ ସୁଧ ନେବି । ବେପାର ବଣିଜ କରି ଭଲରେ ଚଳିଯିବୁ । ଏକଥାକୁ ସେ ମୁଣ୍ଡରେ ପୂରେଇଲା । ରାତିରେ ମାଆ, ପୁଅ ବିଚାର କଲେ । ଏ କଥାଟା ସମସ୍ତଙ୍କ ମନକୁ ପାଇଲା ।"

(କ) ସାହୁକାର ତେଲିକୁ କ'ଣ କହିଲା ?

(ଖ) ରାତିରେ ମାଆ, ପୁଅ କ'ଣ ବିଚାର କଲେ ?

(ଗ) ସାହୁକାର କ'ଣ କମ୍ ନେବାକୁ କହିଲା ?

୭. ଏ ଗପରୁ କ'ଣ ଶିଖିଲ ୫ଟି ବାକ୍ୟରେ ଲେଖ ।